ବର୍ଷ-୨୪, ସଂଖ୍ୟା-୩୧୧
ଭୁବନେଶ୍ୱର
୧୫ ଡିସେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 311
Bhubaneswar
15 December, 2024 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମାଲକାନଗିରିରେ ହେବ ସିମେଣ୍ଟ କାରଖାନା : ମୁଖ୍ୟମନ୍ତ୍ରୀ

**ମାଲକାନଗିରି,୧୪।୧୨ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଭାଗରେ କିଭଳି କାର୍ଯ୍ୟ ଚାଲିଛି ଏବଂ ଜିଲ୍ଲାର ବିକାଶକୁ ନେଇ କ୍ରିୟାଶୀଳ ହେବା ପାଇଁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲାର ସାଂସଦ, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା।

ଜିଲ୍ଲାରେ ରେଳପଥ ଭିତ୍ତିଭୂମିର ବିକାଶ, ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ସମେତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ବିଭିନ୍ନ ଯୋଜନା ଗୁଡ଼ିକୁ ଯଥା ସମୟରେ କାର୍ଯ୍ୟକାରୀ କରି ପ୍ରକଳ୍ପ ଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




ଶିକ୍ଷାର ମୂଳଦୁଆ ସୁଦୃଢ଼ କରିବା ପାଇଁ ଅତି କମ୍‌ରେ ଗୋଟିଏ ବିଦ୍ୟାଳୟରେ ଦୁଇ ଜଣ ଲେଖାଏଁ ଶିକ୍ଷକ ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଆଗଧାଡ଼ିର ଜିଲ୍ଲା ମାନଙ୍କ ସହିତ ସମକକ୍ଷ ହେବା ନିମନ୍ତେ ଜୀବନଜୀବିକା ମିଶନ ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ କରିବା ପାଇଁ ଆଲୋକପାତ କରିଥିଲେ। ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ନିମନ୍ତେ ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କୁ ପ୍ରତ୍ୟେକ ୧୫ ଦିନରେ ଥରେ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଚିତ୍ରକୋଣ୍ଡା ବ୍ଲକରେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଯୋଗାଯୋଗର ସୁବିଧା ହୋଇପାରିଛି। ଏହି ଅଂଚଳରେ ଆହୁରି ବ୍ରିଜ ନିର୍ମାଣ କରି ଅପହଞ୍ଚ ଅଞ୍ଚଳରେ ଯାତାୟାତ ବ୍ୟବସ୍ଥାର ସୁବିଧା କରାଯିବ। ମାଲକାନଗିରି ଜିଲ୍ଲା ର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅଗ୍ରଗତି ପାଇଁ ଗମନାଗମନ ଭିତ୍ତିଭୂମିର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଯୋଗାଯୋଗ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ମୋଟୁ - ତିରଇ ରାସ୍ତା ନିର୍ମାଣର ପରିକଳ୍ପନା କରିଛନ୍ତି।

ଜୟପୁର- ମାଲକାନଗିରି ଲିଙ୍କ୍ ପ୍ରକଳ୍ପ ଏବଂ ମାଲକାନଗିରି- ପାଣ୍ଡାରଙ୍ଗାପୁରମ୍ ଭାୟା- ଭଦ୍ରାଚଲମ୍ ଲିଙ୍କ୍ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ରେଳ ପଥର ବିକାଶ ହେଲେ ଶିଳ୍ପ ଭିତ୍ତିଭୂମିର ବିକାଶ ହେବ ବୋଲି ସେ କହିଥିଲେ। ଜିଲ୍ଲାରେ ୪ ହଜାର କୋଟି ଟଙ୍କା ମୂଲ୍ୟର ଏକ ସିମେଂଟ କାରଖାନା ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଯଦ୍ୱାରା ଜିଲ୍ଲାର ପ୍ରାୟ ଦୁଇ ହଜାର ଶିକ୍ଷିତ ଯୁବକଯୁବତୀ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇ ପାରିବେ।

ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରି ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରାଯାଉଛି। ସବୁ ବର୍ଗର ଯୋଗ୍ୟ ମହିଳା ହିତାଧିକାରୀଙ୍କ ସମେତ ବିଶେଷ ଭାବେ ଏହି ଜିଲ୍ଲାର ଆଦିମ ବଣ୍ଡା ଓ ଦିଦାୟୀ ଜନଜାତି ମହିଳା ଯେପରି ଏଥିରୁ ବଂଚିତ ନହୁଅନ୍ତି ସେଥିପ୍ରତି ଯତ୍ନବାନ ହେବା ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ତିନି ବର୍ଷ ମଧ୍ୟରେ ପ୍ରତି ପଂଚାୟତରେ ଗୋଟିଏ ଲେଖାଏଁ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ସେ ସୂଚନା ଦେଇଥିଲେ। ପାଙ୍ଗାମ୍, କାଙ୍ଗୁରୁକୋଣ୍ଡା, ଏମଭି -୯୦, ଏମଭି-୯୬ ଠାରେ ୫ ଗୋଟି ହାଇ ଲେଭଲ ବ୍ରିଜ୍ ନିମନ୍ତେ କେନ୍ଦ୍ର ସରକାର ୧୯. ୭୮ କୋଟି ମଞ୍ଜୁର କରିଛନ୍ତି। ସେହିପରି ଅଁଳାଯୋଡ଼ି, ତମସା, ଏମଭି -୧୯ ଏବଂ ମହାରାଜପଲ୍ଲୀ ଠାରେ ୪ ଗୋଟି ହାଇ ଲେଭଲ ବ୍ରିଜ୍ ନିମନ୍ତେ କେନ୍ଦ୍ର ସରକାର ୧୨. ୬୨ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବିଭାଗର କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ତ୍ୱରାନ୍ୱିତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଳ୍ପ ବିହୀନ ମାଲକାନଗିରି ଜିଲ୍ଲାର ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ।

# ପୋଲାଭରମ ପ୍ରକଳ୍ପ ବିରୋଧରେ ଆନ୍ଦୋଳନ କରିବ ବିଜେଡି



**ଭୁବନେଶ୍ୱର,୧୪।୧୨ (ମହାଭାରତ):** ଆନ୍ଧ୍ର ସରକାରଙ୍କ ଦ୍ୱାରା ନିର୍ମାଣାଧୀନ ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାର ମୋଟୁ ଅଞ୍ଚଳର କିଛି ପଞ୍ଚାୟତ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ପ୍ରକଳ୍ପ ପାଇଁ ହେବାକୁ ଥିବା କ୍ଷତିକୁ ବିରୋଧ କରି ବିଜେଡି ଏକ ବିଶାଳ ଆନ୍ଦୋଳନ ପାଇଁ ସଜବାଜ ହେଉଛି। ଆନ୍ଦୋଳନ ପାଇଁ କସରତ ଆରମ୍ଭ କରିଦେଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ଜାନୁଆରିରୁ ପୋଲାଭରମ ବିରୋଧୀ ଆନ୍ଦୋଳନ ଜୋରଦାର ହେବ। ମୋଟୁରୁ ଭୁବନେଶ୍ୱର ଓ ଭୁବନେଶ୍ୱରରୁ ଦିଲ୍ଲୀ ଯାଏଁ ହେବ ଆନ୍ଦୋଳନ ଜାରି ରହିବ।

ନବୀନ ପଟ୍ଟନାୟକ କହିଛନ୍ତି, ମୁଁ ବି ଲଢ଼ିବି। ତୁମେ ବି ଶେଷ ଯାଏଁ ଲଢ଼। କେନ୍ଦ୍ରର ବୈମାତୃକ ମନୋଭାବ ବିରୋଧରେ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯାଇଛି। ମାଲକାନଗିରି ବାସିନ୍ଦାଙ୍କ ମତାମତକୁ ଅପେକ୍ଷା କରାଯାଇଛି। ବିଜେଡି କହିଛି ଆଗାମୀ ଦିନରେ ଆନ୍ଦୋଳନର ରୂପରେଖ ସ୍ଥିର ହେବ। ଜୁଲାଇ ଓ ଅଗଷ୍ଟରେ ବିଜେଡି ଟିମ ପୋଲାଭରମ ଅଞ୍ଚଳ ପରିଦର୍ଶନ କରି ନବୀନ ପଟ୍ଟନାୟକଙ୍କୁ କ୍ଷୟକ୍ଷତି ଆକଳନ ରିପୋର୍ଟ ଦେଇଥିଲେ।

# ଭଡ଼ାରେ ଲାଗିବ ସରକାରୀ ଜମି ଓ କୋଠା

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ବର୍ଷବର୍ଷ ଧରି ବ୍ୟବହାର ନହୋଇ ପଡ଼ି ରହିଥିବା ସରକାରୀ ଜମି ଏଣିକି ଭଡ଼ାରେ ଲାଗିବ। ରାଜଧାନୀ ଭୁବନେଶ୍ୱରରେ ଥିବା ସରକାରୀ ଜମିଗୁଡ଼ିକର ମଧ ସଦୁପଯୋଗ କରାଯିବ। ଜିଲ୍ଲାଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଖାଲି ପଡ଼ିଥିବା ପ୍ରମୁଖ ସରକାରୀ ଜମି ଓ କୋଠାଗୁଡ଼ିକର ଉପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ କରାଯିବ। ଏପରିକି ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ନିଆଯାଇଥିବା ବୃହତ ଜମି ଓ ନିର୍ମିତ କୋଠା ଯଦି କାର୍ଯ୍ୟରେ ଲାଗୁ ନଥିବ ସେସବୁକୁ ମଧ ଯଥାର୍ଥ ଉପଯୋଗ କରି ଅର୍ଥ ଉପାର୍ଜନ କରାଯିବ। ଏଭଳି ଢଙ୍ଗରେ ବିଭିନ୍ନ ବିଭାଗର ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ସଚିବ ମନୋଜ ଆହୁଜା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅବ୍ୟବହୃତ ସରକାରୀ ଜମି ଓ କୋଠାଗୁଡ଼ିକର ସଦୁପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ଆନୁଷ୍ଠାନିକ କୌଶଳ ଆପଣାଇବା ନିମନ୍ତେ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି। ନିଜ ବିଭାଗ ଅଧୀନରେ ଥିବା ବୃହତ କୋଠା ଅବା ଜମିକୁ ଚିହ୍ନଟ କରିବାକୁ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି। ବିଶେଷକରି ଜିଲ୍ଲାଗୁଡ଼ିକରେ ଥିବା ଆଦିବାସୀ ସଂଗ୍ରହାଳୟ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ଗୁଡ଼ିକ ଉଦ୍ଦିଷ୍ଟ କାର୍ଯ୍ୟରେ ଉପଯୋଗ ହେଉନାହିଁ। ତେଣୁ ସମ୍ପୃକ୍ତ ବିଭାଗଗୁଡ଼ିକ ଏସବୁ ସରକାରୀ ସମ୍ପତ୍ତିର ସଦୁପଯୋଗ କରି ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ପିପିପି ମଡେଲ ସମେତ ଯଥାର୍ଥ ଆବଶ୍ୟକ କୌଶଳ ଆପଣାଇବାକୁ ମୁଖ୍ୟ ସଚିବ କହିଛନ୍ତି।

# ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୧୪।୧୨(ମହାଭାରତ):** ଭାରତରେ ଜ୍ଞାନର ବ୍ୟବସାୟ ନୁହେଁ ବରଂ ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି। ବିଦ୍ୟାଳୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସର୍ବଶିକ୍ଷା ଅଭିଯାନ ଦ୍ୱାରା ସ୍ଥାପିତ ସାମାଜିକ ପରିବର୍ତ୍ତନର ପରମ୍ପରାକୁ ଆଗକୁ ବଢ଼ାଇବା ଆମର ଦାୟିତ୍ୱ ବୋଲି ଶନିବାର "ଆରାଇଜ୍ ସ୍କୁଲ ଶିକ୍ଷା ସମ୍ମିଳନୀ – ୨୦୨୪"ର ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟର ଶିକ୍ଷାବିତ୍ ସମୂହ ଓ ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି, ଆମକୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାକୁ ଆହୁରି ଅଧିକ ବଢାଇବା ପାଇଁ ପଡିବ। ଘରୋଇ ବିଦ୍ୟାଳୟ ଓ କୋଚିଂ ଅପେକ୍ଷା ସରକାରୀ ବିଦ୍ୟାଳୟ ଶିକ୍ଷା ଉପରେ ପିଲା ଓ ଅଭିଭାବକଙ୍କ ଅଧିକ ବିଶ୍ୱାସ ରହିବା ଉଚିତ।




ଏହି ସମସ୍ୟାର ସମାଧାନ ଅନ୍ୱେଷଣ କରିବାରେ ଆରାଇଜ୍ ଭଳି ଏକ ଫୋରମ୍ ଏକ ବଡ଼ ଭୂମିକା ଗ୍ରହଣ କରିପାରିବ। ଏଥିସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆମ ସ୍କୁଲର ବଳିଷ୍ଠ ଉଦ୍ୟମକୁ ବଢ଼ାଇବାରେ ଆରାଇଜ୍ ଏକ ଉତ୍ପ୍ରେରକ ହୋଇପାରିବ।

ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ। ବୈଷୟିକ ଜ୍ଞାନକୌଶଳର ବିକାଶ ଖୁବ୍ ଦ୍ରୁତ ଗତିରେ ହେଉଛି। ଆମ ପିଲାମାନଙ୍କ ମଧ୍ୟରେ ଟେକ୍ନୋଲୋଜି, ଇନୋଭେସନ, ଏଆଇ ଓ ଏମଏଲ ଭଳି ବିଷୟରେ ଉତ୍ସୁକତା ଓ ଆଗ୍ରହ ରହିବା ଦରକାର। ଚାକିରି ଖୋଜିବା ସହ ସେମାନଙ୍କ ମଧ୍ୟରେ ଚାକିରିଦାତା ହେବାର ଇଚ୍ଛା ବଢିବା ଦରକାର। ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍କୁଲ ଶିକ୍ଷାବିତଙ୍କ ଏକ ବଡ଼ ଦାୟିତ୍ୱ ରହିଛି। ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ଶିକ୍ଷାକୁ ସୁଲଭ କରିବା ସହ ଦେଶର କୋଣ ଅନୁକୋଣରୁ ଡମି ସ୍କୁଲ ବନ୍ଦ କରିବା ପାଇଁ ସ୍କୁଲ ଶିକ୍ଷା ପରିବାର ସମୂହକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଆମ ସମସ୍ତଙ୍କୁ ଏଥିରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ସହ ଏହାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ଉପରେ ଯୋର୍ ଦେବାକୁ ହେବ ବୋଲି ସେ କହିଛନ୍ତି।

ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନରେ ନୂତନ ବେଂଚମାର୍କ ସ୍ଥାପିତ କରିବା, ଶିକ୍ଷକଙ୍କର କ୍ଷମତା ବିକାଶ କରିବା, ନୂତନ ଶିକ୍ଷାଗତ ପଦ୍ଧତି ଆଭିମୁଖ୍ୟ ତିଆରି କରିବା, ବଡ଼ ଆକାରରେ ନବୋନ୍ମେଷକୁ ପ୍ରୋତ୍ସାହିତ କରିବା, ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ତିଆରି କରିବା ଏବଂ ଭାରତୀୟ ଭାଷାରେ ପଢ଼ାଇବା ପାଇଁ ଆମର ସ୍କୁଲ୍ ଶିକ୍ଷା ପ୍ରଣାଳୀକୁ ଅଗ୍ରଣୀ ଭୂମିକା ନିବାହ କରିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଓଡ଼ିଶାରେ ପଶି ପାରିବନି ବାହାର ରାଜ୍ୟର ଧାନ ଗାଡ଼ି

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଯାରି ରହିଛି। ରାଜ୍ୟର ପଞ୍ଜିକୃତ ଚାଷୀ ମାନଙ୍କ କୃଷକ ମାନଙ୍କ ଠାରୁ ଧାନ କିଣା ଯିବା ସହ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ବାବଦକୁ ୨୩ଶହ ଟଙ୍କା ଓ ଇନପୁଟ ସହାୟତା ରାଶି ଭାବେ ୮ଶହ ଟଙ୍କା ପ୍ରଦାନ କରାଯାଉଛି। ଅନ୍ୟ ରାଜ୍ୟର ଧାନ ଯେଭଳି ଆସି ରାଜ୍ୟରେ ବିକ୍ରୟ ନହୁଏ ଏଥିପାଇଁ ସରକାର କଡା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଉପରେ କଡା ନଜର ରଖିବା ସହିତ ସୀମାନ୍ତ ଅଞ୍ଚଳରେ ଏନଫୋର୍ସମେଣ୍ଟ ଟିମ ମୂତୟନ କରାଯାଇଛି।

ବର୍ତ୍ତମାନ ବରଗଡ଼, ସମ୍ବଲପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କୋରାପୁଟ, ଝାରସୁଗୁଡା ଓ ନବରଙ୍ଗପୁର ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଯାରି ରହିଛି। ବାହାର ରାଜ୍ୟର ଧାନଗାଡି ଉପରେ ନଜର ରଖିବା ପାଇଁ ସମ୍ପୃକ୍ତ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ୪୦ଟି ଏନଫୋର୍ସମେଣ୍ଟ ଟିମ ମୁତୟନ କରାଯାଇଛି। ଏହି ଟିମ ଗୁଡିକରେ ପ୍ରାୟ ୧୨୦ ଜଣ ଅଧିକାରୀ ଓ



କର୍ମଚାରୀ ନିୟୋଜିତ ଅଛନ୍ତି। ବାହାର ରାଜ୍ୟ ଧାନ ଗାଡି ଦେଖିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରିକି ସମ୍ପୃକ୍ତ ଜିଲ୍ଲାର ଜନସାଧାରଣ ଓ କୃଷକ ମାନଙ୍କ ମଧ୍ୟରେ ମଧ ଏ ସଂକ୍ରାନ୍ତରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଏଭଳି କିଛି ଘଟଣା ନଜରକୁ ଆସିଲେ ତୁରନ୍ତ ଜଣେଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଆବଶ୍ୟକ ପଡିଲେ ପର୍ଯ୍ୟାୟକ୍ରମେ ଆହୁରି ଅଧିକ ସମ୍ପୃକ୍ତ ଜିଲ୍ଲାରେ ମୁତୟନ କରାଯିବ। ସେମାନେ ସୀମାବର୍ତ୍ତୀ ରାଜ୍ୟରୁ ଧାନନେଇ ଆମ ରାଜ୍ୟ ମଧ୍ୟକୁ ଆସୁଥିବା ଗାଡି ଉପରେ ନଜର ରଖିବେ। କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେହି ଗାଡିକୁ ଜବତ କରିବାକୁ ସେମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସମ୍ପୃକ୍ତ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ଏଥି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ। ନିୟୋଜିତ ଅଧିକାରୀ ଓ ସେମାନଙ୍କ ଯୋଗାଯୋଗ ବ୍ୟବସ୍ଥା ଉପରେ ସେହି ଜିଲ୍ଲାର ଜିଲ୍ଲାପାଳ ନିର୍ଦ୍ଧାରଣ କରିବେ।

# ବସୁନ୍ଧରା ଯୋଜନାରେ ହେବ ପରିବର୍ତ୍ତନ

**ସମ୍ବଲପୁର,୧୪।୧୨(ମହାଭାରତ):** ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାନ କିଣାବିକା, ଇନପୁଟ ସବସିଡି ପ୍ରଦାନ ଓ ରାଜସ୍ୱବିଭାଗ ବିଭିନ୍ନ ସେବାର ଅଗ୍ରଗତି ନେଇ ଆଜି ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଚାଷୀମାନେ କେମିତି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେନେଇ ସମୀକ୍ଷା ହୋଇଥିଲା। ଏହା ସହ କେମିତି ଇନପୁଟ ସବସିଡି ଠିକରେ ପାଇ ପାରିବେ ସେନେଇ ମଧ ସମୀକ୍ଷା ହୋଇଛି। ଏହା ବାଦ୍ ରାଜସ୍ୱ ବିଭାଗର ସେବା କେମିତି ଜନସାଧାରଣ ଭଲ ଭାବରେ ପାଇବେ ଓ ଭୂମି ହୀନ ଜମି ପାଇବେ ସେନେଇ ସମୀକ୍ଷା ହୋଇଛି। ତେବେ ଓଡିଶାରେ ବସୁନ୍ଧରା ଯୋଜନାରେ ପରିବର୍ତ୍ତନ ହେବା ନେଇ ମନ୍ତ୍ରୀ କହିଛନ୍ତି। ଆଉ ଆଗକୁ ବସୁନ୍ଧରା ଯୋଜନାରେ ପାଇଥିବା ଜମି ବିକ୍ରି ହୋଇ ପାରିବନି। ରାଜସ୍ୱ ଆଇନ ଓ ରାଜସ୍ୱ ସେବାରେ ହେବ ପରିବର୍ତ୍ତନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ୪ ଡିସିମିଲରୁ କମ ଜମି ଥିବା ଲୋକେ ହେବେ ଭୂମିହୀନରେ ଗଣତି ହେବେ। ୪ ଡିସମିଲ ହେବା ଯାଏଁ ଜମି ପ୍ରଦାନ କରାଯିବ। ରାଜସ୍ୱ ବିଭାଗ ଦ୍ୱାରା ଆରଆଇ ଓ ଅମିନଙ୍କୁ ଦିଆଯିବ ଲାପଟପ୍। ବିଭାଗ ଆଧୁନିକିକରଣ ଉପରେ ଦିଆଯାଉଛି ଗୁରତ୍ୱ। ରିଲିଫ୍ ଶବ୍ଦ ଉଚ୍ଛେଦ ହେବା ନେଇ ମଧ୍ୟ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସମ୍ବଲପୁରରେ ସମୀକ୍ଷା ପରେ କହିଛନ୍ତି।

# ଆପାର୍ଟମେଣ୍ଟର ୪ ଫ୍ଲାଟ୍‌ରୁ ଚୋରି

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ପୁଣି ଆପାର୍ଟମେଣ୍ଟରେ ପଶିଲେ ସିନ୍ଧିଚୋର। ଏଥର ବି ପାଳିପଡ଼ିଛି ପାହାଳ ଅଞ୍ଚଳସ୍ଥ ଅନ୍ୟ ଏକ ଆପାର୍ଟମେଣ୍ଟର। ପୂର୍ବରୁ ଏହି ଥାନା ଅଧୀନ ସନରାଇଜ୍ ସରୋବର ଓ ଉଷା ଏନକ୍ଲାଭର ୪ ଫ୍ଲାଟରୁ ସିନ୍ଧିଚୋରି ହୋଇଥିଲା। ଗତକାଲି ଏହି ଥାନା ତିରଣପଦାସ୍ଥିତ ସିଟି ହୋମ୍ ଆପାର୍ଟମେଣ୍ଟର ୪ ଫ୍ଲାଟରୁ ଓଳାଇଦେଇଛନ୍ତି ଦୁର୍ବୃତ୍ତମାନେ। ଜଣେ ଶିକ୍ଷୟିତ୍ରୀଙ୍କ ଘରୁ ବିପୁଳ ହୀରା ଓ ସୁନା ଗହଣା ସହିତ ଅନ୍ୟାନ୍ୟ ଦାମୀ ଜିନିଷ ଲୁଟ୍ ହୋଇଛି। ଅନ୍ୟ ତିନି ଫ୍ଲାଟରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲେ ମଧ ପୁଲିସ ଉପରେ ସେମାନେ ମୁହଁ ଖୋଲିବାକୁ ନାରାଜ ଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ପାହାଳ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଇ ଦୁର୍ବୃତ୍ତମାନେ ଗୋଟିକ ପରେ ଗୋଟିଏ ସିନ୍ଧିଚୋରି କରିଚାଲିଛନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏପଟେ ରାଜଧାନୀରେ ମାତିଥିବା ସିନ୍ଧିଚୋରଙ୍କୁ ଠାବ କରିପାରୁ ନଥିବା ପୁଲିସ ଲୋକଙ୍କୁ ଜବାବ ଦେବାକୁ ପଛଘୁଞ୍ଚା ଦେଉଥିବା ଆଲୋଚନା ହେଉଛି। ୧୦ ତାରିଖ ରାତିରେ ସିଟି ହୋମ୍ ଆପାର୍ଟମେଣ୍ଟରୁ ସିନ୍ଧିଚୋରି ହୋଇଥିଲା। ପରଦିନ ଅର୍ଥାତ୍ ୧୧ ତାରିଖରେ ଏନେଇ ପାହାଳ ଥାନାରେ ଏତଲା କରାଯାଇଥିଲା। ମାତ୍ର ପୁଲିସ ଏହି ଘଟଣାକୁ ପ୍ରଘଟ ନ କରିବାକୁ କହିବାରୁ ଚୋରିର ଶିକାର ହୋଇଥିବା ବ୍ୟକ୍ତିମାନେ କଥାକୁ ଯଥାସମ୍ଭବ ଲୁଚେଇଥିଲେ। ମାତ୍ର କଥା ଆଜି ପଦାକୁ ଫୁଟି ବାହାରିପଡ଼ିଥିଲା।

# ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ସମ୍ପନ୍ନ କମିଟି ବୈଠକ

**ଭୁବନେଶ୍ୱର,୧୪।୧୨(ମହାଭାରତ):** ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ) ଉଚ୍ଚ କ୍ଷମତାସମ୍ପନ୍ନ ରାଜ୍ୟସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଆରଆଇଡିଏଫପାଣ୍ଠି ସହାୟତାରେ ଜଳସମ୍ପଦ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ଏବଂ ସଂପୃକ୍ତ ବିଭାଗ ଅଧିନସ୍ଥ କାର୍ଯ୍ୟକାରୀ ସଂସ୍ଥା, ନିଗମ ଆଦି ଜରିଆରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷରେ ଚଳିତ ଡିସେମ୍ବର ମାସ ୧୨ ତାରିଖ ସୁଦ୍ଧା ଏ ବାବଦରେ ରାଜ୍ୟବଜେଟରେ ରହିଥିବା ପ୍ରାବଧାନ ମୁତାବକ ବିଭିନ୍ନ ପ୍ରକଳ୍ପ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗ ଦ୍ୱାରା ଆରଆଇଡିଏଫଉପଯୋଗରେ ସଂପୂର୍ଣ୍ଣ କରାଯାଇ ସଫଳତା ହାସଲ କରାଯାଇଥିବା ପ୍ରକଳ୍ପଗୁଡ଼ିକ ସଂପର୍କରେ ଆଲୋଚନା କରାଯାଇଥିଲା।

ଉଚ୍ଚ କ୍ଷମତା ସଂପନ୍ନ କମିଟିର ଅନୁମୋଦନ କ୍ରମେ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଦ୍ୱାରା



ମଂଜୁରୀଲାଭ କରିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସ୍ଥିତି ସଂପର୍କରେ ଅନୁଧ୍ୟାନ କରାଯାଇଥିଲା। ବୈଠକରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ନାବାର୍ଡ ତରଫରୁ କରାଯାଇଥିବା କ୍ଷେତ୍ର ପରିଦର୍ଶନ ବିବରଣୀ ସହ ଆବଶ୍ୟକ ପରାମର୍ଶ ଦିଆଯାଇଛି। ବିଭିନ୍ନ ନୂଆ ପ୍ରକଳ୍ପ ବାବଦରେ ଓଡ଼ିଶାକୁ ଅଧିକ ପାଣ୍ଠି ପ୍ରଦାନ ପାଇଁ ନାବାର୍ଡ କର୍ତ୍ତୃପକ୍ଷଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା।

ବୈଠକରେ ଅଣୁ ଜଳସେଚନ ପାଣ୍ଠି( ମାଇକ୍ରୋ ଇରିଗେସନ ଫଣ୍ଡ) ଅଧିନରେ ମଞ୍ଜୁର ହେବାକୁ ଥିବା ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟକୁ ଦିଆଯାଇଥିବା ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ପାଇଁ ଅର୍ଥ ମଞ୍ଜୁରୀ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଆରଆଇଡିଏଫରୁ ସଂପୂର୍ଣ୍ଣ ହୋଇଥିବା କେତେକ ପ୍ରକଳ୍ପରେ ଅଣୁ ଜଳସେଚନର ଆବଶ୍ୟକତା ଦୃଷ୍ଟିରୁ ଜଳ ସଂପଦ ବିଭାଗ, ଓଡ଼ିଶା ଉଠା ଜଳ ସେଚନ ପ୍ରକଳ୍ପ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ମାଇକ୍ରୋ ଇରିଗେସନ ଫଣ୍ଡରୁ ସହାୟତା ପାଇଁ ନୂଆ ନୂଆ ପ୍ରସ୍ତାବ ଦିଆଯିବାକୁ ଆଲୋଚନା କରାଯାଇଥିଲା।

ଆହୁରି ମଧ ମତ୍ସ୍ୟ ଓ ଜଳଚାଷ ଭିତ୍ତିଭୂମି ଉନ୍ନୟନ ପାଣ୍ଠି(ଏଫ୍‌ଆଇଡିଏଫ୍)କୁ କିପରି ଉପଯୋଗ କରାଯାଇପାରିବ, ସେ ସଂପର୍କରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଛି। ଗୋପାଳପୁରର ଆର୍ଯ୍ୟପଲ୍ଲୀଠାରେ ମାଛଧରା ବନ୍ଦରର ଉନ୍ନତିକରଣ, ପୁରୀ ଜିଲ୍ଲାର ଅସ୍ତରଙ୍ଗ, ବାଲେଶ୍ୱରର ବାହାବଲପୁର, ଉଦ୍ରକର ଚାନ୍ଦମଣି ଆଦି ନଦୀକୂଳ ବନ୍ଦରର ବିକାଶ କରାଯିବାକୁ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ପ୍ରକଳ୍ପ ପ୍ରସ୍ତୁତି ପୂର୍ବକ ପାଣ୍ଠି ମଞ୍ଜୁରୀ ସଂପର୍କରେଆଲୋଚନା କରାଯାଇଥିଲା। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ ପାଣ୍ଠି ( ଏଫପିଏଫ)ରୁ ରାଜ୍ୟରେଚିହ୍ନଟ ହୋଇଥିବାଫୁଡ୍ ପାର୍କ ଗୁଡ଼ିକର ଆଧୁନିକୀକରଣ, ଭିତ୍ତିଭୂମି ଉନ୍ନତିରେ ଅଧିକ ଆବଶ୍ୟକତା, ଗୁଣାତ୍ମକତା ଓ ପରିଚାଳନା ଦକ୍ଷତା ପାଇଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେଏମଏସଏମଇ ବିଭାଗ ତରଫରୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦିଆଯାଇଥିଲା।

# ଶୀତରେ ତ୍ୱଚାର ଯତ୍ନ

ଥଣ୍ଡା ପାଗରେ ତ୍ୱଚା ଓ କେଶ ଶୀଘ୍ର ପ୍ରଭାବିତ ହୋଇଥାଏ। ଆରମ୍ଭ ସମୟରୁ ଯତ୍ନ ଠିକ୍ ଭାବେ ନ ନେଲେ ବିଭିନ୍ନ ସମସ୍ୟା ଉପୁଜିବାର ଭୟ ରହିଛି। ଯୁବତୀ ଓ ମହିଳାମାନେ ଶୀତ ଦିନେ କେତୋଟି ନିୟମକୁ ମାନି ଚଳିବା ଭଲ।



■ ଏଇ ଋତୁରେ ଶୋଷ ଲାଗେନାହିଁ। ଏହା ସତ୍ତ୍ୱ ନିଜ ପାଣି ପିଇବାର ଅଭ୍ୟାସକୁ ବନ୍ଦ କରନ୍ତୁ ନାହିଁ। ପ୍ରତି ଥର ଖାଇବା ପୂର୍ବରୁ ଓ ପରେ ପାଣି ପିଅନ୍ତୁ। ତ୍ୱଚାରୁ ଜଳୀୟ ଅଂଶ କମ୍ ହେଲେ ରୁକ୍ଷତା ବଢ଼େ। ଅତିକମ୍‌ରେ ଦିନକୁ ୯-୧୦ ଗିଲାସ ପାଣି ପିଅନ୍ତୁ।

ଭୋଜନ ଉପରେ ଗୁରୁତ୍ୱ ଦେବାକୁ ଯେପରି ନ ଭୁଲିବେ। ସବୁଜ ପନିପରିବା ମିଶାମିଶି ତରକାରି ସହ ସାଲାଡ୍ ଦ୍ୱିପହର ଭୋଜନରେ ଖାଇଲେ ତ୍ୱଚା ଓ କେଶକୁ ଆବଶ୍ୟକ ପରିମାଣରେ ଖୋରାକ୍ ମିଳିଥାଏ।

■ କେତେଜଣଙ୍କର ଧାରଣା ଯେ ଶୀତରେ ସୂର୍ଯ୍ୟକିରଣର ପ୍ରଭାବ ତ୍ୱଚା ଉପରେ ପଡ଼େନାହିଁ। ଏଣୁ ସନ୍‌ସ୍କ୍ରିନ୍‌ର ଆବଶ୍ୟକତା ନାହିଁ। ଏହା ଭାବିବା ସମ୍ପୂର୍ଣ୍ଣ ଭୁଲ୍। ସକାଳବେଳା, ଦିନବେଳା ଘରୁ ବାହାରିବା ମାତ୍ରେ ସନ୍‌ସ୍କ୍ରିନ୍ ଲଗାଇ ବାହାରନ୍ତୁ।

■ ବାରମ୍ବାର ତ୍ୱଚାକୁ ମଏଶ୍ଚରାଇଜ୍ ମଧ୍ୟ କରିବା ଆବଶ୍ୟକ। ସ୍ନାନ ପରେ ସନ୍ଧ୍ୟା ସମୟରେ ଓ ରାତ୍ରିରେ ଶୋଇବା ପୂର୍ବରୁ ମଏଶ୍ଚରାଇର୍ଜ ଲଗାଇବା ଭଲ।

■ ସ୍ନାନ ସମୟରେ ଅଧିକ ଗରମ ପାଣିରେ ନ ଗାଧୋଇ ବରଂ ଥଣ୍ଡା ଓ ଗରମ ପାଣିକୁ ମିଶାଇ ଗାଧୋଇବାର ଅଭ୍ୟାସ କରନ୍ତୁ। ଗରମ ପାଣିରେ ଗାଧୋଇଲେ ତ୍ୱଚା ଅଧିକ ଶୁଷ୍କ ହେଉଥିବାର ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ।

# ଆଲୋଭେରାର ଘରୋଇ ଉପଚାର

ଆଲୋ ଭେରା ବା ଘିକୁଆଁରି କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚ୍ଚ ପାଇଁ ଏକ ବରଦାନ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି। ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚ୍ଚରେ ବ୍ରଣ, ଦାଗ ପରି ଅନେକ ସମସ୍ୟାକୁ ଭଲ କରିଥାଏ। ତେବେ ଏହାକୁ ଲଗାଇବାର ବିଧି ଆପଣଙ୍କୁ ଜଣାଥିବା ଆବଶ୍ୟକ।

ଆସନ୍ତୁ ଜାଣିବା ଘରେ ଘିକୁଆରୀ ବା ଆଲୋ ଭେରା କିପରି ଲଗାଇବା ଉଚିତ।



୧. ଅଲଗା ଅଲଗା ସମସ୍ୟା ପାଇଁ ଆଲୋ ଭେରା ବ୍ୟବହାର କରାଯାଇଥାଏ। ସନବର୍ଣ୍ଣ, ମଶ୍ଚରାଇଜର, ଆଣ୍ଟି ଏଜିଙ୍ଗ ଜେଲ, ମେକଅପ ରିମୁଭର, ସ୍କ୍ରବ, ଆଇବ୍ରୋ ଜେଲ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ।

୨. ଯଦି ଆପଣଙ୍କ ଘରେ ଆଲୋଭେରା ଗଛ ଅଛି ତେବେ ଆପଣ ଏଥିରୁ ଜେଲ ପ୍ରସ୍ତୁତ କରିପାରିବେ।

୩. ଏହି ଜେଲକୁ ସନବର୍ଣ୍ଣ ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ କିଛି ସମୟ ଫ୍ରିଜରେ ରଖନ୍ତୁ। ପରେ ସେଥିରେ ହାଲକା ଗୋଲାପ ଜଳ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ। ଏହିପରି ପ୍ରତିଦିନ ରାତିରେ ଲଗାଇ ଶୁଅନ୍ତୁ।

୪. ସେହିପରି ତ୍ୱଚ୍ଚରୁ ଡେଡ ସ୍କିନ ସଫା କରିବାକୁ ଚାହୁଁଥିଲେ, ଫେଶୱାସରେ ମୁହଁ ଧୋଇବା ପରେ ଅଳ୍ପ ଏଲୋବେରା ଜେଲ ଲଗାନ୍ତୁ। ଏହା ପରେ ଏକ ଓଦା କପଡ଼ାରେ ମୁହଁକୁ ସ୍କ୍ରବ କରି ପୋଛନ୍ତୁ।

୫. ଆଣ୍ଟି-ଏଜିଙ୍ଗ ଜେଲ ଭାବରେ ମଧ୍ୟ ଏଲୋବେରା ଜେଲ ବ୍ୟବହାର କରାଯାଇପାରିବ। ତେବେ ଏଥିରେ ଭିଟାମିନ ଇ କିମ୍ବା ଭିଟାମିନ ସିର ପାଉଡର ମିଶାଇ ଲଗାନ୍ତୁ।

୬. ମେକଅପ ଛଡ଼ାଇବା ପାଇଁ କଟନରେ ଅଳ୍ପ ଆଲୋ ଭେରା ଜେଲ ନେଇ ମେକଅପକୁ ସଫା କରନ୍ତୁ। ଏପରି କଲେ ଜଲଦି ମେକଅପ ସଫା ହେବା ସହ ଆପଣଙ୍କ ତ୍ୱଚ୍ଚ କୋମଳ ରହିବ।

# ୫ ରାଶିର ବ୍ୟକ୍ତି ନୂଆ ବର୍ଷରେ ହେବ ଧନବାନ୍, ଶନି ଦେବଙ୍କର ବର୍ଷିବ କୃପା



ନୂତନ ବର୍ଷ ୨୦୨୪ ପାଇଁ ଆଉ ମାତ୍ର ୪ ଦିନ ବାକି ଅଛି। ନୂଆ ବର୍ଷରେ ଟଙ୍କା ପଇସା ବିଷୟରେ ସମସ୍ତେ ବହୁତ ଆଶା କରିବେ। ହେଲେ କଠିନ ପରିଶ୍ରମ ଦ୍ୱାରା ଟଙ୍କା ରୋଜଗାର ସମ୍ଭବ, କିନ୍ତୁ ଭାଗ୍ୟ ଯଦି ଏହାକୁ ସମର୍ଥନ କରେ ତେବେ ଆମେ କ'ଣ କହି ପାରିବା ? ରାଶିଫଳ ୨୦୨୪ ଅନୁଯାୟୀ, କିଛି ରାଶିର ବ୍ୟକ୍ତି ନୂଆ ବର୍ଷରେ ଧନୀ ହୋଇପାରନ୍ତି। ଏଠାରେ ୫ ଟି ରାଶି ବିଷୟରେ କହିବାକୁ ଯାଉଛୁ

**ବୃଷ**-ବୃଷ ରାଶିର ଲୋକମାନେ ନୂଆ ବର୍ଷରେ ଧନୀ ହୋଇପାରନ୍ତି ।ନୂଆ ବର୍ଷରେ ଟଙ୍କା ପାଇଁ ତୁମର କଠିନ ପରିଶ୍ରମର ସମ୍ପୂର୍ଣ୍ଣ ଲାଭ ପାଇବ । ଏହା ବ୍ୟତୀତ ନୂଆ ବର୍ଷରେ ଭାଗ୍ୟ ମଧ୍ୟ ଆପଣଙ୍କ ସାଥ୍ ଦେବ। ଆର୍ଥିକ ଜୀବନରେ ଆପଣଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିବ, କିନ୍ତୁ ଆପଣ ଟଙ୍କା ସଞ୍ଚୟ କରିବାରେ ସଫଳ ହେବେ ।

**ତୁଳା**-ତୁଳା ହେଉଛି ଶନି ଦେବଙ୍କର ପ୍ରିୟ ରାଶି। ନୂଆ ବର୍ଷରେ ତୁମେ ତୁମର ପରିଶ୍ରମର ସମ୍ପୂର୍ଣ୍ଣ ଫଳ ପାଇବ ।ଏହା ସହ ତୁମେ ସଫଳତା ପାଇବ । ୨୦୨୪ରେ ବ୍ୟବସାୟ ସମ୍ବନ୍ଧରେ ଆପଣ ଯାହା ବି କରନ୍ତି, ଆପଣ ଉନ୍ନତି କରିବେ। ବ୍ୟବସାୟରେ ଆର୍ଥିକ ସଫଳତା ସହିତ, ଆପଣ ଧନ ଲାଭ ହୋଇପାରେ

**ବିଛା**-ବିଛାର ପ୍ରଭୁ ହେଉଛନ୍ତି ମଙ୍ଗଳୟ ଆପଣ ନୂଆ ବର୍ଷରେ ଆପଣଙ୍କ କ୍ୟାରିୟରରେ ଅତୁଳନୀୟ ସଫଳତା ପାଇବେ । ଏହା ବ୍ୟତୀତ ବ୍ୟବସାୟରେ ମଧ୍ୟ ବଡ଼ ଆର୍ଥିକ ଲାଭ ହେବ ।୨୦୨୪ ରେ ଚାକିରି ଏବଂ ବ୍ୟବସାୟରେ ଅନେକ ଆର୍ଥିକ ଲାଭ ହେବ। ଫଳସ୍ୱରୂପ, ଆପଣ ଏକ ସମୃଦ୍ଧ ଜୀବନଯାପନ କରିବେ।

**କୁମ୍ଭ**-ଟଙ୍କା ବିଷୟରେ କୁମ୍ଭ ରାଶି ପାଇଁ ନୂଆ ବର୍ଷ ଭାଗ୍ୟବାନ ହେବ । ତୁମର ସାମର୍ଥ୍ୟ ଅନୁଯାୟୀ ତୁମେ ଆର୍ଥିକ ସୁବିଧା ପାଇବ । ଚାକିରି ଏବଂ ବ୍ୟବସାୟ ସମ୍ବନ୍ଧୀୟ ଆର୍ଥିକ ଯୋଜନା ସଫଳ ହେବ। ଫଳସ୍ୱରୂପ, ଆପଣଙ୍କର ବହୁତ ଧନ ଲାଭ ହେବ।

**ମୀନ**-ମୀନ ଲୋକମାନେ ନୂଆ ବର୍ଷରେ ଏକ ନୂତନ ବ୍ୟବସାୟ ଆରମ୍ଭ କରନ୍ତି, ତେବେ ସେମାନେ ଏଥିରେ ଅନେକ ଆର୍ଥିକ ଅଗ୍ରଗତି କରିବେ। ଯେଉଁମାନେ କୌଣସି ପ୍ରକାର ବ୍ୟବସାୟ କରୁଛନ୍ତି ସେମାନେ ଲାଭ ପାଇବେ ନୂଆ ବର୍ଷରେ ଶନି ଦେବଙ୍କ ଆଶୀର୍ବାଦ ମଧ୍ୟ ମିଳିବ। ଯେତେବେଳେ ଶନି ଦେବ ଦୟାଳୁ ହୁଅନ୍ତି, କେହି ଆପଣଙ୍କୁ ଧନକୁ ଅଟକାଇ ପାରିବେ ନାହିଁ ।

# କିଡନୀ ଷ୍ଟୋନ ସମସ୍ୟା ଦୂର କରେ ମେହେନ୍ଦୀ ପତ୍ର

ସାଧାରଣତଃ ଝିଅମାନେ ନିଜ କେଶକୁ ସୁନ୍ଦର, ମଜଭୁତ ଓ ଚମକଦାର କରିବା ପାଇଁ ଏଥିରେ ମେହେନ୍ଦୀ ଲଗାଇଥାଆନ୍ତି । ହେଲେ ଆପଣ ଜାଣନ୍ତି କି, ମେହେନ୍ଦୀ ପତ୍ର ଅନେକ ଔଷଧୀୟ ଗୁଣର ସମାହାର । ଏହି ପତ୍ରରେ



ଟ୍ୟାନିନ୍, ବାସୋନ୍ ମ୍ୟାଲିକ ଏସିଡ, ଗ୍ଲୁକୋଜ, ମ୍ୟାଲିଟୋଲ ପରି ତତ୍ତ୍ୱ ରହିଛି । ତେବେ ଆସନ୍ତୁ ଜାଣିବା ମେହେନ୍ଦୀ ପତ୍ରରୁ ଆମକୁ କ'ଣ ଫାଇଦା ମିଳିଥାଏ ।

■ ଆଜିକାଲି ମୁଣ୍ଡରେ ରୂପି ହେବା ଏକ ସାଧାରଣ କଥା ହୋଇଗଲାଣି । ପ୍ରାୟ ଲୋକଙ୍କ ପାଖରେ ଏହି ସମସ୍ୟା ଦେଖାଯାଏ। ଏହାର ନିରାକରଣ ପାଇଁ ବଜାରରେ ଭିନ୍ନ ଭିନ୍ନ ପ୍ରକାରର ପ୍ରଡକ୍ଟ ମଧ୍ୟ ମିଳୁଛି । ତେବେ ଦାମୀ ଦାମୀ ପ୍ରଡକ୍ଟ ପଛରେ ଟଙ୍କା ନଷ୍ଟ ନକରି ଆପଣ ମେହେନ୍ଦୀ ପତ୍ର ବ୍ୟବହାର କରି ଏହି ସମସ୍ୟାର ସମାଧାନ କରିପାରିବେ। ମେହେନ୍ଦୀ ପତ୍ରକୁ ବାଟି କିମ୍ବା ଗୁଣ୍ଡ କରି ଏଥିରେ ଲେମ୍ବୁ ଓ ଦହି ମିଶାଇ ଚୁଟିରେ ଲଗାନ୍ତୁ । ଏହି ଦୁଇଟି ଯାକ ଜିନିଷରେ ଏସିଡ ରହିଥାଏ, ଯାହା ରୂପି ସହ ମୁଣ୍ଡ କୁଣ୍ଡେଇ ହେବା ସମସ୍ୟା ମଧ୍ୟ ଦୂର କରିଥାଏ। ସପ୍ତାହରେ ଥରେ ମେହେନ୍ଦୀ ଲଗାନ୍ତୁ, ଦେଖିବେ ଭଲ ଫଳ ମିଳିବ ।

■ ଆଜିକାଲି ବ୍ୟସ୍ତ ବହୁଳ ଜୀବନରେ ପ୍ରାୟ ଲୋକ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇପାରୁ ନାହାନ୍ତି। ତେଣୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଉଛି । ସେଥିମଧ୍ୟରୁ କିଡନୀ ଷ୍ଟୋନ ଅନ୍ୟତମ । ତେବେ ମେହେନ୍ଦୀ ଦ୍ୱାରା ଏହାକୁ ଭଲ କରିହେବ । ଏଥିପାଇଁ ଆପଣଙ୍କୁ ଅଧାଲିଟର ପାଣିରେ ୫୦ ଗ୍ରାମ ମେହେନ୍ଦୀ ପତ୍ରକୁ ପେଶି ଏହାକୁ ଭଲ ଭାବେ ଫୁଟାଇ ପିଅନ୍ତୁ ।

■ ମେହେନ୍ଦୀ ସାଧାରଣତଃ ଥଣ୍ଡା ହୋଇଥାଏ । ତେଣୁ ଏହାକୁ ରାତିରେ କିମ୍ବା ଶରୀରରେ ଯଦି ଇଶନଫୁଲିଆ କିମ୍ବା ଥାଇରଏଡ ଥାଏ, ତେବେ ଏହାକୁ ବ୍ୟବହାର କରିବାକୁ ମନା କରିଯାଏ । ଯଦି ଆପଣଙ୍କୁ କେଉଁଠି ମାଡ ହୋଇ ବଥା ବା ଯନ୍ତ୍ରଣା ହେଉଛି,ବରଫ ବଦଳରେ ସେହି ସ୍ଥାନରେ ମେହେନ୍ଦୀ ପତ୍ରକୁ ବାଟି ଲଗାନ୍ତୁ ।

# ସୁନ୍ଦର କାରୁକାର୍ଯ୍ୟର କଥା ବଖାଣୁଛି 'ମା ଯୋଗମାୟା ଶକ୍ତିପୀଠ'



କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଶକ୍ତିପୀଠ ଭାବେ ପରିଚିତ ମା'ଯୋଗମାୟା ପୀଠ। ଏହି ପୀଠ ଜିଲ୍ଲାର ଗୁର୍ଜିମୁଣ୍ଡା ଗ୍ରାମ ଠାରେ ଅବସ୍ଥିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପୀଠକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥାଏ । ଜିଲ୍ଲାର କେସିଁଗାଁ ବ୍ଲକ ଠାରୁ ମାତ୍ର ୧୫ କିମି ଦୂରତା ରେ ଅବସ୍ଥିତ ଗୁର୍ଜିମୁଣ୍ଡା ଗ୍ରାମ ଯେଉଠି ରହିଛି ମାଁ ଯୋଗମାୟା ଦେବୀଙ୍କ ଶକ୍ତିପୀଠ। ଏଠାରେ ଅନେକ କିର୍ତ୍ତିରାଜି ରହିଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ଓ ଉଚ୍ଚକୋଟିର କାରୁକାର୍ଯ୍ୟରେ ଭରା ଏହି ମନ୍ଦିର ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ଏଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ମା ଯୋଗମାୟାଙ୍କ ପୀଠକୁ ଆସି ଯିଏଯାହା ମାନସିକ କରେ ତାହା ମା ପୂରଣ କରନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ ରହିଛି। ତେଣୁ ଏହି ପୀଠକୁ ରାଜ୍ୟ ତଥା ରାଜ୍ୟବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ଗୁର୍ଜିମଣ୍ଡା ମା ଯୋଗମାୟା ଦେବୀଙ୍କ ପୀଠ ମଧ୍ୟରେ ଦେଖିବାକୁ ମିଳେ ବହୁ ଉଚ୍ଚକୋଟିର କାରୁକାର୍ଯ୍ୟ। ଯାହା ଦେଖିଲେ ମନ ଭରିଯାଏ। ମନ୍ଦିର ର ମୁଖ୍ୟ ଦ୍ୱାର ଦେଇ ଗଲେ ପ୍ରଥମେ ମା ଯୋଗମାୟା ଦେବୀଙ୍କ ମନ୍ଦିର ପଡ଼େ । ମନ୍ଦିରର ପୂର୍ବଦିଗରେ ରହିଛି ଯଜ୍ଞ ମଣ୍ଡପ । ପଶ୍ଚିମରେ ଅଗ୍ରପୂଜ୍ୟ ଗଣେଶଙ୍କ ମନ୍ଦିର, ଉତ୍ତର ଦିଗରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବିରି ପୁରା ପାହାଡ଼ ଓ ଦକ୍ଷିଣ ଦିଗରେ ରହିଛନ୍ତି ବଜରଙ୍ଗବଳି । ମନ୍ଦିର ମଝିରେ ରହିଛି ବର୍ଷ ବର୍ଷ ଧରି ଅଖଣ୍ଡ ଜଳିବା ପାଇଁ ଏକ ଅଖଣ୍ଡ ଦ୍ୱିପ ଗୃହ । ସୁନ୍ଦର କାରୁକାର୍ଯ୍ୟ ସହିତ ମନୋରମ ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ସତରେ ନଦେଖିଲେ ଏହି ସୁନ୍ଦରତାକୁ ବିଶ୍ୱାସ କରିହେବ ନାହିଁ ।

ଏହି ବିରି ପୁରା ପାହାଡ଼ରେ ବହୁ କିର୍ତ୍ତିରାଜ ରହିଛି। ଲୋକ ମତ ଅନୁସାରେ ପୂର୍ବକାଳରେ ଏହି ବିରି ପୁରାପାହାଡ଼ ଗୁମ୍ଫା ମଧ୍ୟରେ ୩ ଜଣ ମୁନିଋଷି ତପଶ୍ୟା କରୁଥିଲେ । ପାହାଡ଼ ଉପରେ ସାତଟି କୁଅ ରହିଛି ଯାହା ବର୍ଷ ତମାମ ସୁଖେନାହିଁ ଏବଂ ସାତ ଭଉଣି ଦେବୀଙ୍କ ପୀଠ କୁଆଡ଼େ ଏଠାରେ ରହିଛି ବୋଲି ଲୋକେ ମତବ୍ୟକ୍ତ କରୁଥିବା ବେଳେ ଏହି ପାହାଡ଼କୁ ଦେବଗୁମ୍ଫା ବୋଲି କୁହାଯାଏ। ଏଠାରେ ଧବଳେଶ୍ୱର ଓ କପିଳେଶ୍ୱରଙ୍କ ଆର୍ଭିର୍ବାଭ ହୋଇଥିବା ବେଳେ ଏଠାରେ ପୂର୍ବକାଳରେ ମୁନିଋଷି ମାନେ ଏଠାରେ ପୂଜା କରିଆସୁଥିଲେ । ପରବର୍ତ୍ତି ସମୟରେ ଏଠାରେ ଏବେ ଜଣେ କୁମ୍ଭୀର ସଂପ୍ରଦାୟର ପୂଜକ ପାହାଡ଼ର ବିଭିନ୍ନ ସ୍ଥାନରେ ଥିବା ଦେବାନେବୀଙ୍କୁ ପୂଜା କରିଆସୁଛନ୍ତି ।



# ଚା'ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚ୍ଚର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ୍ୟ ତ୍ୱଚ୍ଚ ଉପରେ କୁପ୍ରଭାବ ପଡ଼େନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା' ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା'କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମଚରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧



ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚ୍ଚ, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚ୍ଚକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚ୍ଚରେ ଏକ ଚମକ ଆସିଥାଏ।

## ଜାତୀୟ ପଞ୍ଚାୟତ ପୁରସ୍କାର ବିଜେତା ସମ୍ବର୍ଦ୍ଧିତ

# ଗ୍ରାମାଞ୍ଚଳ ବିକାଶରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ : ମନ୍ତ୍ରୀ

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ‘ଜାତୀୟ ପଞ୍ଚାୟତ ପୁରସ୍କାର ଗ୍ରହଣ କରିଥିବା ସମସ୍ତ ଅଧିକାରୀ ଓ ସଦସ୍ୟବୃନ୍ଦଙ୍କୁ ଆଜି ପଞ୍ଚାୟତିରାଜ ଏବଂ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ସେ ଏହାକୁ ସମଗ୍ର ରାଜ୍ୟ ପାଇଁ ଏକ ପ୍ରେରଣାର ବିଷୟ ବୋଲି ଅଭିହିତ କରିବା ସହ ବିକଶିତ ଓଡ଼ିଶା ଗଠନର ମୂଳଦୁଆ ବୋଲି ମତପ୍ରକାଶ କରିଛନ୍ତି।

ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ବଳରାମ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ରବି ନାରାୟଣ ନାଏକ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ର ବିଜେତା ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ବିଜେତା ମାନଙ୍କୁ ସମ୍ବୋଧିତ କରି ସେମାନଙ୍କ ପ୍ରଚେଷ୍ଟା ଯୋଗୁଁ ସମଗ୍ର ରାଜ୍ୟ ଗର୍ବିତ ବୋଲି ପ୍ରକାଶ କରିବା ସହ ଏହା ତ୍ରି-ସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥାର ଅନ୍ୟ ଅନୁଷ୍ଠାନ ଗୁଡ଼ିକର ଉତ୍ସାହ ବୃଦ୍ଧି କରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସମସ୍ତଙ୍କ ସହ ଆଲୋଚନା କରି ସେମାନଙ୍କୁ



ଉତ୍ସାହିତ କରିଥିଲେ। ଏହି ଅବସରରେ ‘ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ର ଏହି ସମସ୍ତ ବିଜେତାଙ୍କୁ ଏହି ବିଶେଷ ସଫଳତା ପାଇଁ ଆଜିର କାର୍ଯ୍ୟକ୍ରମରେ ମନ୍ତ୍ରୀ ପୁରସ୍କୃତ ହୋଇଥିବା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାଞ୍ଚାୟତିରାଜ ପ୍ରତିଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ୨୦୩୦ ମସିହା ସୁଦ୍ଧା ମିଳିତ ଜାତିସଂଘ ଦ୍ୱାରା ଧାର୍ଯ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଦେଶର ପ୍ରତିବଦ୍ଧତା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳ ବିକାଶମୂଳକ କାର୍ଯ୍ୟର ଆହ୍ୱାନକୁ ଦୃଷ୍ଟିରେ ରଖି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଆମ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଯଥା ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖୁଛନ୍ତି, ଯାହାକି ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି । ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ ଅଧୀନରେ ସାତଟି ବର୍ଗରେ ଓଡ଼ିଶାକୁ ପୁରସ୍କୃତ କରାଯାଇଛି। ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରାଳୟ ଦ୍ୱାରା ପ୍ରଦତ୍ତ ଏହି ଜାତୀୟ ପଞ୍ଚାୟତ ପୁରସ୍କାରରେ ସାତଗୋଟି ବର୍ଗରେ ଓଡ଼ିଶାକୁ ସର୍ବାଧିକ ୮ କୋଟି ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାତଗୋଟି ବର୍ଗରେ ଓଡ଼ିଶାକୁ ପୁରସ୍କୃତ କରିଥିଲେ। ଏହା ମଧ୍ୟରେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପଲ୍ଲୀ ଗ୍ରାମ ପଞ୍ଚାୟତକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ରୂପେ ୭୫ ଲକ୍ଷ ଓ ହିଞ୍ଜିଳିକାଟୁ ବ୍ଲକର ସାହାପୁର ଗ୍ରାମପଞ୍ଚାୟତକୁ ଦ୍ୱିତୀୟ ଆତ୍ମନିର୍ଭରଶୀଳ ଭିତ୍ତିଭୂମିଯୁକ୍ତ ଗ୍ରାମପଞ୍ଚାୟତ ପୁରସ୍କାର ପାଇଁ ୭୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଅଧୀନରେ କୋରାପୁଟ ଜିଲ୍ଲାକୁ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ପରିଷଦ ରୂପେ ୩ କୋଟି ଟଙ୍କା ଓ ଗଞ୍ଜାମ ଜିଲ୍ଲା ଛତ୍ରପୁର ପଞ୍ଚାୟତ ସମିତିକୁ ଶ୍ରେଷ୍ଠ ପଞ୍ଚାୟତ ସମିତି ରୂପେ ୨ କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ବିଶେଷ ପଞ୍ଚାୟତ ପୁରସ୍କାର ଅଧୀନରେ ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ ବ୍ଲକ୍ କେନ୍ଦ୍ରିକେଲା ଗ୍ରାମ ପଞ୍ଚାୟତକୁ କାର୍ବନ ନିଉଟ୍ରାଲ୍ ବିଶେଷ ପଞ୍ଚାୟତ ପୁରସ୍କାର ବର୍ଗରେ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପାଇଁ ୭୫ ଲକ୍ଷ ଓ କଣିରା ଗ୍ରାମ ପଞ୍ଚାୟତକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ବର୍ଗରେ ଦେଶରେ ତୃତୀୟ ସ୍ଥାନ ଅଧିକାର କରିଥିବା ପାଇଁ ୫୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

# ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ପ୍ରାକୃତିକ କୃଷି ସମ୍ବନ୍ଧୀୟ କର୍ମଶାଳା

**ଭୁବନେଶ୍ୱର,୧୪।୧୨ (ମହାଭାରତ):** କୋଆଲିସନ ଫର୍ ଚେଞ୍ଜ ଇନ୍ ଓଡ଼ିଶା, ନେସନାଲ କୋଆଲିସନ ଫର୍ ନ୍ୟାଚୁରାଲ ଫାର୍ମିଂ ଓଡ଼ିଶା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାନ୍ ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ସି.ୱାଇ.ଏସ୍.ଡି ସମ୍ମିଳନୀ ହଲ ରେ ରାଜ୍ୟ ସ୍ତରୀୟ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳା କୁ ପୂର୍ବତନ ସୂଚନା କମିଶନର ତଥା ସି.ୱାଇ.ଏସ୍.ଡି ର ମେଣ୍ଟର ଜଗଦାନନ୍ଦ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ନିଜ



ବକ୍ତବ୍ୟରେ ଜଗଦାନନ୍ଦ ଗ୍ରାମ ବିକାଶରେ ଗ୍ରାମପଞ୍ଚାୟତ ର ଭୂମିକା ବିଷୟରେ ଆଲୋକପାତ କରିଛନ୍ତି। ଗ୍ରାମପଞ୍ଚାୟତ ର ସହଯୋଗରେ ରାଜ୍ୟର ବିଭିନ୍ନ ଗାଁ ରେ ପ୍ରାକୃତିକ କୃଷି ତଥା ଅନ୍ୟାନ୍ୟ ବିକାଶ ଧର୍ମୀ କାର୍ଯ୍ୟକ୍ରମ ସଫଳତାର ସହିତ ପରିଚାଳନା ହୋଇପାରିବ ବୋଲି ଆଲୋକପ୍ତ କରିଛନ୍ତି।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସ.ଆଇ.ଆର.ଡି.)ପଞ୍ଚାୟତି ରାଜ ବିଭାଗ, ଓଡ଼ିଶା ସରକାରଙ୍କର ଡେପୁଟି ଡାଇରେକ୍ଟର ଅମିତା ପାତ୍ର ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଓଡ଼ିଶାରେ ପ୍ରଚଳିତ ପଞ୍ଚାୟତି ରାଜ ବ୍ୟବସ୍ଥା ତଥା ଗ୍ରାମପଞ୍ଚାୟତ ବିକାଶ ଯୋଜନା ସମ୍ପର୍କରେ ବିସ୍ତୀର୍ଣ୍ଣ ଆଲୋଚନା କରିବା ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା ବିଷୟରେ ଆଲୋକପାତ କରିଛନ୍ତି।

ଏହି ତାଲିମ ଶିବିରରେ ଗ୍ରାମପଞ୍ଚାୟତ ବିକାଶ ଯୋଜନାରେ ନାରୀଙ୍କ ଭୂମିକା, ମହାତ୍ମା ଗାନ୍ଧୀ ଏନ୍.ଆର. ଜି.ଏସ, ଅଂଶଗ୍ରହଣକାରୀ ଯୋଜନା, ଇ-ଗ୍ରାମସ୍ୱରାଜ୍ ବ୍ୟବସ୍ଥା, ଯୋଜନା କାର୍ଯ୍ୟକାରୀ ପାଇଁ ଗ୍ରାମ ପଞ୍ଚାୟତରେ ପ୍ରମୁଖ ବ୍ୟବସ୍ଥା ଏବଂ ପ୍ରକ୍ରିୟା ଉପରେ ଜ୍ୟୋତିରେଖା ରାୟ ପ୍ରଧାନ, ଶ୍ରୀ ଦେବେନ୍ଦ୍ର ନେଗି, ଶ୍ରୀମତୀ ଉପାଳି ମହାନ୍ତି, ଶ୍ରୀ ଦୋଳଗୋବିନ୍ଦ ପଣ୍ଡା, ଶ୍ରୀ କାର୍ତ୍ତିକ କୁମାର ଦାସ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଦୋଳଗୋବିନ୍ଦ ପଣ୍ଡା ଏବଂ ଡ଼. ମହମ୍ମଦ ଇମ୍ରାନ ଆଲି ଏହି ତାଲିମ ଶିବିରକୁ ପରିଚାଳନା କରିଥିଲେ।

# କିଟ୍‌ରେ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ

**ଭୁବନେଶ୍ୱର,୧୪।୧୨ (ମହାଭାରତ):** କିଟ୍ ବିଶ୍ୱବିଦ୍ୟାଳୟରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ ଏହି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଓଡ଼ିଶାର ସିନେ ଜଗତ ଓ କଳାକାର ଜଗତକୁ ପ୍ରେରଣା ଯୋଗାଇବ। ଆମ ସମାଜ ଉପରେ ସିନେମାର ବିଶେଷ ପ୍ରଭାବ ରହିଛି। ଏହି ମହୋତ୍ସବ ଓଡ଼ିଶା ସିନେ ଜଗତକୁ ଏକ ସମ୍ଭାବନା ଆଣି ଦେବାର ଆଶା ଓ ବିଶ୍ୱାସ ଅଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ। ବିଶିଷ୍ଟ ପ୍ରଯୋଜକ ବିପୁଲ ଅମୃତଲାଲ୍ ଶାହ ଅତିଥି ଭାବେ ଯୋଗଦେଇ କହିଲେ, ଆମ ଦେଶରେ ବହୁ ପ୍ରତିଭା ଲୁକ୍‌କାୟିତ ହୋଇ ରହିଛନ୍ତି। ବିଶେଷ କରି ଓଡ଼ିଶାରେ ବହୁ ପ୍ରତିଭା ରହିଥିବା ମୁଁ ଏଠାରେ ଦେଖିବାକୁ ପାଇଲି। ସେମାନେ ମୁଖ୍ୟସ୍ରୋତକୁ ଆସି ପାରିନାହାନ୍ତି। ଏହି ଲୁକକାୟିତ କଳାକାରମାନଙ୍କୁ ସିନେ ଜଗତର ମୁଖ୍ୟସ୍ରୋତକୁ ଆଣିବା ପାଇଁ ପ୍ରୟାସ କରିବେ ବୋଲି ସେ କହିଥିଲେ। ବିଶିଷ୍ଟ ନିର୍ଦ୍ଦେଶକ ଯଦୁମଣି ଦତ୍ତା କହିଲେ, ଭଲ ଚଳଚ୍ଚିତ୍ର ଭଲ ଭାବନା ତିଆରି କରିଥାଏ। ଭଲ ସିନେମା ତିଆରି କରିବା ଏବଂ ଏ ସମ୍ପର୍କିତ ଜ୍ଞାନ ଆହରଣ କ୍ଷେତ୍ରରେ ଏଭଳି ଚଳଚ୍ଚିତ୍ର ମହୋତ୍ସବ ଏକ ଉତ୍ତମ ମଞ୍ଚ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଦୀର୍ଘ ୫ ବର୍ଷ ଧରି କିଟ୍ ପକ୍ଷରୁ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଚଳଚ୍ଚିତ୍ର ମହୋତ୍ସବରେ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ସମ୍ପର୍କରେ ସମସ୍ତେ ଜାଣିବାର ସୁଯୋଗ ମିଳିଥାଏ। ଆସନ୍ତା ବର୍ଷ ଏହି ଚଳଚ୍ଚିତ୍ର ମହୋତ୍ସବକୁ ଆହୁରି ବଡ଼ ଧରଣର କରାଯିବ ବୋଲି ସେ ଘୋଷଣା କରିଥିଲେ।

ଏହି ମହୋତ୍ସବରେ ମୋଟ ୪୫ଟି ଅତି ଉତ୍ତମ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ସେଥିମଧ୍ୟରେ ରହିଛି ୧୨ଟି ଫିଚର ଫିଲ୍ମ, ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୫ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୧୦ଟି ଷ୍ଟୁଡେଣ୍ଟ ଫିଲ୍ମ। ଆଜି ପ୍ରଥମ ଦିନରେ ଗୁଗୁଲ୍ ମାଟ୍ରିମନି, ମୋ ବୋଉ ମୋ ଗାଁ, ବାହି ଟ୍ରେସିଂ ମାଇଁ ଆନସେଷ୍ଟରସ, ଅଣ୍ଡର ଦି ବେଡ୍, ରଚାମ୍ପା, ଶ୍ରୀକାନ୍ତ, ବାଲାଡ୍ ଅଫ୍ ଦି ମାଉଣ୍ଟେନ୍, ମଇଁ ନିଦ, ରୋଟି କୁଁ ବନାସୀ, ଅମର ଆଜ ମରେଗା, ଅସ୍ତୋରାଗ, ମୋନିହାରା, ଆତାତୁର, କାଇଟ୍ ଆଣ୍ଡ ଆଇ ଏବଂ ସାମ ବାହାଦୂର ଆଦି ୧୭ଟି ବିଭିନ୍ନ ଭାଷା ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ବିଶିଷ୍ଟ ପ୍ରଯୋଜକ ଅଭିଷେକ ଅଗ୍ରୱାଲ, ମାୟଙ୍କ ସିଙ୍ଘାଣିଆ, ଅଭିଷେକ ତାରାଚାନ୍ଦ ଜୈନ, ନବଜ୍ୟୋତି ବାନ୍ଦିୱାଦେକର, ଚଳଚ୍ଚିତ୍ର ନିର୍ଦ୍ଦେଶକ ତୁଷାର ହୀରାନନ୍ଦିନୀ ଓ ସାଗର ସୁନୀଲ ପୁରଣିକ, ଅଭିନେତ୍ରୀ ରୁପାଲି ସୁଦ୍, ବନ୍ୟପ୍ରାଣୀ ଚଳଚ୍ଚିତ୍ର ନିର୍ମାତା ସୁବିହା ନାଲାମୁଥୁ ଓ ଲେଖକ ରାଜ ସାଣ୍ଡିଲ୍ୟଙ୍କ ଭଳି ବହୁ ନାମୀଦାମୀ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଯୋଗ ଦେଇଛନ୍ତି। ୧୪ ଓ ୧୫ ତାରିଖରେ କିଟ୍ କ୍ୟାମ୍ପସ-୬ ଓ ୧୭ ପ୍ରେକ୍ଷାଳୟ, ତଥା ସେମିନାର ହଲ୍‌ରେ ଚଳଚ୍ଚିତ୍ର ସବୁ ପ୍ରଦର୍ଶନ ହେବ। କିଟ୍ ଫିଲ୍ମ, ଫେସନ ଓ ମିଡ଼ିଆ ଷ୍ଟଡିଜ୍ ସ୍କୁଲର ମହାନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆଙ୍କ ତତ୍ତ୍ୱାବଧାନରେ ଏହି ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେଉଛି।

# ସୋଆ ପକ୍ଷରୁ ମାର୍ଗଶିରର ମହକ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍) ସାମାଜିକ ଓ ସାଂସ୍କୃତିକ ଶାଖା ’ କ୍ରିଏଟିଭୋ’ ପକ୍ଷରୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାସ୍ନା ସମ୍ମିଳିତ ଅଭିନବ କାର୍ଯ୍ୟକ୍ରମ 'ମାର୍ଗଶିରର ମହକ'ର ଦ୍ୱିତୀୟ ଭାଗ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି।

ଏକ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ସଂସ୍କୃତି, ପରମ୍ପରାକୁ ବଜାଇ ରଖିବା ନେଇ କ୍ରିଏଟିଭୋର ଏହା ଏକ ଅନନ୍ୟ ପ୍ରୟାସ ବୋଲି ସେ କହିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ, ସୋଆ ପ୍ରାଣୀବିଜ୍ଞାନ ମହାବିଦ୍ୟାଳୟର ସହଯୋଗୀ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ ଓ ସୋଆ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ ଯୋଗ ଦେଇ କ୍ରିଏଟିଭୋର ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଓଡିଶାର ସଂସ୍କୃତି, ପରମ୍ପରାକୁ ରକ୍ଷା ଦିଗରେ କ୍ରିଏଟିଭୋର ଏଭଳି ଅବଦାନ ନିଶ୍ଚୟ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ।




ଏହି ଅବସରରେ ଶ୍ରୀମତି ଦାଶଙ୍କୁ ମାର୍ଗଶିରର ମହକ-୨୦୨୪ରେ ଚଳିତ ବର୍ଷର ‘ମାର୍ଗଶିରର ମହକ ସମ୍ମାନ‘ରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀମତି ଗୀତା ଦାଶଙ୍କ କଣ୍ଠ ନିସୃତ ଲକ୍ଷ୍ମୀପୁରାଣ ଓ ଜଗନ୍ନାଥ ଜଣାଣରେ ଉତ୍ସବ ମୁଖରିତ ହୋଇଥିଲା।ଏହି ଅବସରରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ଏଭଳି ଉଦ୍ୟମକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। କ୍ରିଏଟିଭୋର ଆବାହକ ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନା ଅନୁଷ୍ଠିତ ଏହି ଉତ୍ସବରେ ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ, ଡକ୍ଟର ଦୀପାଳି ଦାଶ, ଡକ୍ଟର ବିଷ୍ଣୁପ୍ରିୟା ପାତ୍ର, ଡକ୍ଟର ରାକେଶ ଶତପଥୀ, ମାନସ ଦାସ, ଲୋପାମୁଦ୍ରା ଦାଶ, ବିଶ୍ୱଜିତ୍ ମିଶ୍ର, ଡକ୍ଟର ବିଦ୍ୱାନ ରଂଜନ ସାହୁ , ଡକ୍ଟର ସୁବ୍ରତ ସେନାପତି, ଡକ୍ଟର ଏସ. ପି. ମୋନାଲିସା, ଡକ୍ଟର ରାମକୃଷ୍ଣ ବସ୍ତିଆ ପ୍ରମୁଖ ପରିଚାଳନା କରିଥିବା ବେଳେ ଡକ୍ଟର ନନ୍ଦିତା ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡିଆ ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅମୃତା ସାହୁ, ଚିତ୍ରଲିପି ନାୟକ, ସ୍ମିତପ୍ରଜ୍ଞା ପଟ୍ଟନାୟକ, ସଲୋନି, ଅଭିଷେକ, ଆୟୁଷ୍ମାନ, ଆଦିତ୍ୟ ନାରାୟଣ, ଅମ୍ଲାନ ବିଶ୍ୱାଳ, ସତ୍ୟସୁନ୍ଦର ଉତ୍ସବ ପରିଚାଳନା କରିଥିଲେ। ପ୍ରଫେସର ବିବୁଧ ପରାଶର, ପ୍ରଫେସର ବିଜୟ ମିଶ୍ର, ପ୍ରଫେସର ସନ୍ତୋଷ ପଣ୍ଡାଙ୍କ ସମେତ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମିଳୁନି ମାଗଣା ୱାଇ-ଫାଇ ସେବା

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ସହରରେ ମାଗଣାରେ ୱାଇ-ଫାଇ ସେବା ଯୋଗାଉଛି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ଏଲ୍)। ରାଉଟର ଲାଗିଥିବା ସ୍ଥାନର ୫୦ ମିଟର ମଧ୍ୟରେ ଜଣେ ବ୍ୟକ୍ତି ଏହି ସେବା ପାଇପାରିବ। ମାତ୍ର ଏହି ମାଗଣା ସେବା କେଉଁଠି ମିଳୁଛି ଲୋକେ ତାହାର ଠିକଣା ଖୋଜିଖୋଜି ପାଉନାହାନ୍ତି। କାରଣ ସ୍ମାର୍ଟସିଟି ୱାଇ-ଫାଇର ରାଉଟର କେଉଁଠି ଲଗାଇଛି ତାହା କେହି ଜାଣି ନାହାନ୍ତି। ମାଗଣା ୱାଇ-ଫାଇ ନେଇ କୌଣସି ସ୍ଥାନରେ ସାଇନ୍‌ଏଜ୍‌ଏ ବି ଦେଖିବାକୁ ମିଳୁନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଲୋକେ ଏବେ ଏହି ସେବା ଆବଶ୍ୟକ କରୁଥିଲାବେଳେ ସାଇନ୍‌ଏଜ୍ ନ ଥିବା କାରଣରୁ ହଇରାଣ ହେଉଛନ୍ତି। ତେଣୁ କେଉଁମାନେ ଏହି ସେବାର ଲାଭ ଉଠାଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅପରପକ୍ଷେ ୱାଇ-ଫାଇ ବାବଦରେ ସ୍ମାର୍ଟସିଟି ମାସକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛି। ରାଜଧାନୀରେ ମୋଟ୍ ୫୧୮ଟି ସ୍ଥାନରେ ମାଗଣା ୱାଇ-ଫାଇ ସେବା ଉପଲବ୍ଧ ରହିଛି।

# କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଂଗଠନର ମାନବ ସେବା

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ମାନବ ସେବା ହିଁ ମାଧବ ସେବା । ମାନବବାଦର ପ୍ରଚାର ଓ ପ୍ରସାର ତଥା ମାନବ ସେବାରେ ତତ୍‌ପର ଏବେ କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଂଗଠନ । ବର୍ଷ ସାରା କୌଣସି ନା କୌଣସି ଅବସରରେ ଏହି ମହିଳା ସଂଗଠନ ମାନବ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଥାନ୍ତି । ଦିନ-ଦରିଦ୍ରଙ୍କୁ ସାହାଯ୍ୟ ଓ ସହଯୋଗ କରିବା ଏଇ ସଂଗଠନର ଲକ୍ଷ । ଏଇଭଳି କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି, କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଂଗଠନ ପକ୍ଷରୁ । ନିୟମିତ ଭାବେ ଅନେକ ଦିନ ହେଲା ଏହି ସଂଗଠନ ଯାଁଲା ସ୍ଥିତ ମିଶନ ଆଶ୍ରା, ଜଟଣୀରେ ଅବସ୍ଥିତ ଆଶାକିରଣ ଏବଂ ବାପା-ମାଁଙ୍କ ସେବାଶ୍ରମ, ଗୁରୁଜଙ୍ଗ ସ୍ଥିତ ବୃଦ୍ଧାଶ୍ରମ ଏବଂ କେରଙ୍ଗ ଗ୍ରାମର ହରିଜନ ଓ ଆଦିବାସୀ ପଥର କଟା ସାହିରେ ପ୍ରାୟ ୪୦୦ ପୁରୁଷ ଓ ମହିଳାମାନଙ୍କୁ ଶୀତବସ୍ତ୍ର,ଡ୍ରେସ, ଶାଢୀ, ଜ୍ୟାକେଟ, ସୁଇଟର,ଚୁଡ଼ା, ଚାଉଳ,ବିସ୍କୁଟ ଏବଂ ଫଳ ଇତ୍ୟାଦି ବଂଟନ କରିଛି । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ ହେଲା,ସର୍ବେ ଭବନ୍ତୁ ସୁଖିନଃର ପରିବେଶ ଗଢିବା ସହିତ ବିଶ୍ୱଶାନ୍ତି ଏବଂ ବିଶ୍ୱ ଭାଇଚାରା ତଥା ମାନବବାଦ ପ୍ରତିଷ୍ଠା କରିବା । ଏହିଭଳି ଜନକଲ୍ୟାଣକରୀ ଯୋଜନା ଆଗାମୀ ଦିନରେ ମଧ କାର୍ଯ୍ୟରତ ରହିବ ବୋଲି




ସଂଗଠନ ପକ୍ଷରୁ ସୂଚନା ଦିଆ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାନେତ୍ରୀ ଅମତୁଲ ହଫିଜ, ସମ୍ମାନୀତ ଅତିଥି ଭାବେ କେରଙ୍ଗ ମହିଳା ସଂଗଠନର ସଭାନେତ୍ରୀ ଶାହେଦା ବେଗମ ଓ ଉପ ସଭାନେତ୍ରୀ ରୋକିଆ ବାନୁ ଯୋଗ ଦେଇଥିଲେ।

# ଓଡ଼ିଆରେ ଅନୁବାଦ ହେବ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ରାୟ

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ଏଣିକି ଓଡ଼ିଆ ଭାଷାରେ ହେବ କୋର୍ଟ କାର୍ଯ୍ୟ। ଓଡ଼ିଆରେ ଅନୁବାଦ ହେବ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ରାୟ। ନିଯୁକ୍ତ ହେବେ ୨୩ ଜଣ ଓଡ଼ିଆ ଅନୁବାଦକ। ଆଞ୍ଚଳିକ ଭାଷାକୁ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ ପରେ ଯୁଦ୍ଧକାଳୀନ ଭିତ୍ତିରେ ଏ ଦିଗରେ ଓଡିଶା ହାଇକୋର୍ଟରେ କାର୍ଯ୍ୟଚାଲିଛି। ଏକ ସମନ୍ୱିତ ପ୍ରଣାଳୀରେ ଏହି କାର୍ଯ୍ୟ କରାଯାଉଛି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗଠିତ ଅନୁବାଦ କମିଟି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି।

୨୦୨୩ ରୁ ସୀମିତ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଓଡିଆ ଅନୁବାଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାରି ଭିତରେ ସୁପ୍ରିମକୋର୍ଟଙ୍କ ୨୯୪ ଟି, ଓଡିଶା ହାଇକୋର୍ଟଙ୍କ ୧୭୯ ଟି ଓ ୭ଟି ଲ୍ୟାଣ୍ଡମାର୍କ ରାୟର ଓଡିଆ ଅନୁବାଦ ହୋଇସାରିଛି । ଏସବୁକୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜିଲ୍ଲା ଓ ତାଲୁକା ଆଇନ ସେବା ପ୍ରାଧିକରଣ ମାନଙ୍କ ନିକଟକୁ ପଠାଯିବ। ଏହାଦ୍ୱାରା ଜନସଚେତନା ସୃଷ୍ଟି ହୋଇ ପାରିବ ବୋଲି ଆଶା କରାଯାଉଛି। ଏହାସହ ନୂତନ ଓଡିଆ ଆଇନ ଶବ୍ଦକୋଷର ମଧ୍ୟ ପ୍ରସ୍ତୁତି ଚାଲିଛି। ଏବେ ରାଜ୍ୟରେ ଥିବା ୨୮୩ଟି ଅଧିନିୟମ ମଧ୍ୟରୁ ୧୧ଟି ର ଓଡିଆ ଅନୁବାଦ କରାଯାଇ ଇଣ୍ଡିଆ କୋଡରେ ସ୍ଥାନ ପାଇ ସାରିଛି। ବଳକା ଥିବା ୨୭୨ ଟି ଅଧିନିୟମ, ୩୬ ଟି ବିଜ୍ଞପ୍ତି, ୨୧ ଟି ରୁଲ୍ସ,୨ ଟି ଆଦେଶକୁ ମଧ୍ୟ ପର୍ଯ୍ୟାୟକ୍ରମେ ଓଡିଆ ଅନୁବାଦ କରାଯିବ। ଏହା ସାଧାରଣ ଲୋକଙ୍କ ପାଇଁ ବେଶ ଉପାଦେୟ ହେବ ବୋଲି କହିଛନ୍ତି ଭାଷାବିତ।

ଓଡିଶା ହାଇକୋର୍ଟର ୭୫ ତମ ପ୍ରତିଷ୍ଠା ଦିବସକୁ ସ୍ମରଣୀୟ ରଖିବା ପାଇଁ ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ୨୦୨୨ ଜୁଲାଇ ୨୬ରେ ପ୍ରଥମ ଥର ପାଇଁ ଓଡିଆ ଭାଷାରେ ନିଜର ରାୟ ପ୍ରକାଶ କରିଥିଲେ। ସେତେବେଳେ ଏହା ଜାତୀୟ ସ୍ତରରେ ବେଶ ଚର୍ଚ୍ଚା ହୋଇଥିଲା। କୋର୍ଟ ରାୟର ଅନୁବାଦିତ ଓଡିଆ କପି କେବଳ ପକ୍ଷଭୁକ୍ତଙ୍କୁ ବୁଝିବା ପାଇଁ ଉଦ୍ଦିଷ୍ଟ। କୋର୍ଟ କାର୍ଯ୍ୟ କିମ୍ବା ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ପାଇଁ ରାୟର ଇଂରାଜୀ କପି ବ୍ୟବହାର ହୋଇପାରିବ ବୋଲି ସ୍ପଷ୍ଟ କରାଯାଇଛି।

# ଆଇଏପିଏମ୍‌ର ଜାତୀୟ ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ପାଥୋଲୋଜିଷ୍ଟସ ଆଣ୍ଡ ମାଇକ୍ରୋ ବାୟୋଲୋଜିଷ୍ଟସ (ଆଇଏପିଏମ୍) ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ପାଥୋଲୋଜି-ଇଣ୍ଡିଆନ୍ ଡିଭିଜନ୍ (ଆଇଏପି-ଆଇଡି)ର ୭୨ତମ ବାର୍ଷିକ ସମ୍ମିଳନୀ କଟକ ସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜରେ ଆୟୋଜିତ ହେବା ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ବୁଧବାର ୩ଟି ପ୍ରାକ୍-ସମ୍ମିଳନୀ କର୍ମଶାଳା ଆୟୋଜିତ ହୋଇଯାଇଛି।

୨୦ ବର୍ଷ ପରେ ଓଡ଼ିଶାରେ ଏହି ସମ୍ମିଳନୀର ଆୟୋଜନ କରାଯାଉଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଆୟୋଜିତ ପ୍ରଥମ ପ୍ରାକ୍-ସମ୍ମିଳନୀ କର୍ମଶାଳାର ବିଷୟବସ୍ତୁ ରହିଥିଲା ‘ଏ ପିକ୍ ଇନ୍‌ଟୁ ଦ ରେନ୍ ବକ୍ସ’। କର୍ମଶାଳାରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ଇନ୍‌ଚାର୍ଜ ପ୍ରଫେସର (ଡାକ୍ତର) ସୌମ୍ୟ ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତରୀ ପେସାରେ ଆଇନ୍‌ଗତ ଦିଗ ବର୍ତ୍ତମାନ ଏକ ଆହ୍ୱାନ ସୃଷ୍ଟି କରିଥିବା କହିଥିଲେ। ଏହି ଅବସରରେ ଆପୋଲୋ ହସ୍ପିଟାଲ୍‌ର ଡାକ୍ତର ମୀନାକ୍ଷୀ ସ୍ୱାଇଁ ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାହୁତି ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ କଳିଙ୍ଗ ହସ୍ପିଟାଲ୍‌ର ସିନିୟର କନ୍‌ସଲଟାଂଟ ଡାକ୍ତର ପ୍ରଦୀପ୍ତ ତ୍ରିପାଠୀ, ବେଙ୍ଗାଲୁରୁ ସ୍ଥିତ ନିମ୍‌ହାନ୍‌ସର ଡାକ୍ତର ଅନୀତା ମହାଦେବନ୍, ଡାକ୍ତର ଶିଳ୍ପା ରାଓ, ହାଇଦ୍ରାବାଦ ସ୍ଥିତ ଇଣ୍ଡୋ-ଆମେରିକାନ୍ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ର ଡାକ୍ତର ସି. ସୁନ୍ଦରମ୍, ଏମ୍‌ସ ଭୁବନେଶ୍ୱରର ଡାକ୍ତର ଶୁଭେନ୍ଦୁ ପୁରକାଇତ, ହାଇଦ୍ରାବାଦ ସ୍ଥିତ ନିମ୍ସର ଡାକ୍ତର ମେଘା ଉପିନ ଏବଂ ଲକ୍ଷ୍ନୌର ଆର୍‌ଏମ୍‌ଏଲ୍‌ଆଇଏମ୍‌ଏସ୍‌ର ଡାକ୍ତର ନୁଜହତ୍ ହୁସେନ୍ ଉପସ୍ଥିତ ରହି ଏହି ପ୍ରସଙ୍ଗରେ ଆଲୋକପାତ କରିଥିଲେ।

ସେହିପରି ଦ୍ୱିତୀୟ ପ୍ରାକ୍-ସମ୍ମିଳନୀ କର୍ମଶାଳାର ପ୍ରସଙ୍ଗ ରହିଥିଲା ‘ଇଭାଲୁଏସନ ଅଫ୍ ବ୍ଲିଡିଙ୍ଗ୍ ଡିଜ୍‌ଅର୍ଡର୍ସ-ହ୍ୟାଣ୍ଡସ ଅନ୍ ଟ୍ରେନିଙ୍ଗ୍’। କର୍ମଶାଳାରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମଶାଳାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାକୁ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଲାବୋରେଟୋରୀ ହେମାଟୋଲୋଜିର ପ୍ରଫେସର ତଥା ଇନ୍‌ଚାର୍ଜ ଡାକ୍ତର ରାଜେଶ କୁମାର ଭୋଳ ସଂଯୋଜନା କରିଥିବା ବେଳେ ସମ୍ମିଳନୀ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

କର୍ମଶାଳାରେ ସିଏମ୍‌ସି ଭେଲୋରର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ଏବଂ ଇମ୍ୟୁନୋ ହେମାଟୋଲୋଜି ବିଭାଗର ପ୍ରଫେସର ଡାକ୍ତର ସୁକେଶ ଚନ୍ଦ୍ରନ୍ ନାୟାର, କୋଲକାତା ସ୍ଥିତ ଏନ୍‌ଆର୍‌ଏସ୍ ମେଡିକାଲ୍ କଲେଜର ହେମାଟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଅଭିଷେକ ଶର୍ମା ଏବଂ ଚେନ୍ନାଇ ସ୍ଥିତ ଏସ୍‌ଆର୍‌ଏମ୍‌ସି ର ଲାବୋରେଟୋରୀ ମେଡିସିନ୍ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଏସ୍. ଶ୍ରୀ ଗାୟତ୍ରୀ ନିଜର ବକ୍ତବ୍ୟ ରଖିଥିଲେ। ସେହିପରି ତୃତୀୟ ପ୍ରାକ୍-ସମ୍ମିଳନୀ କର୍ମଶାଳାର ପ୍ରସଙ୍ଗ ରହିଥିଲା ‘ବେସିକ୍ସ ଅଫ୍ ମଲିକ୍ୟୁଲାର ଡାଏଗ୍ନୋଷ୍ଟିକ୍ସ’।

# ଦେଶରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର ବଢୁଛି

**ଭୁବନେଶ୍ୱର,୧୪।୧୨ (ମହାଭାରତ):** ଦେଶରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର (ଏଲଏଫପିଆର) ବୃଦ୍ଧି ପାଉଛି। ବିଶେଷ କରି ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ଏହି ହାରରେ ଉଲ୍ଲେଖନୀୟ ପ୍ରଗତି ଦେଖିବାକୁ ମିଳିଛି ବୋଲି ଅବଧିକାଳୀନ ଶ୍ରମ ଶକ୍ତି ସର୍ବେକ୍ଷଣ ତଥ୍ୟରୁ ଜଣାପଡ଼ିଛି। ଏଲଏଫପିଆର ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଏବଂ ସାମଗ୍ରିକ ଆର୍ଥିକ ଅନ୍ତର୍ଭୂକ୍ତୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ।

ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ସଦସ୍ୟ ଡକ୍ଟର ଶମିକା ରବି ଏବଂ ଦିଲ୍ଲୀର ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନର ଗବେଷକ ଡକ୍ଟର ମୁଦିତ କପୁରଙ୍କ ଦ୍ୱାରା କରାଯାଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଜାତୀୟ ସ୍ତରରେ ଗ୍ରାମୀଣ ମହିଳା ଏଲଏଫପିଆର ୨୪.୬%ରୁ ୪୧.୫% (୬୯%)କୁ ବଢ଼ିଛି। ସେହିପରି ସହରାଂଚଳ ଏଲଏଫପିଆର ସାମାନ୍ୟ ବୃଦ୍ଧି ପାଇ ୨୦.୪% ରୁ ୨୫.୪% (୨୫%) ହୋଇଛି । ଏଥିରେ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ ପାର୍ଥକ୍ୟ ରହିଛି। ଗ୍ରାମାଂଚଳରେ ଝାଡ଼ଖଣ୍ଡ (ଯ୨୩୩% ଅଭିବୃଦ୍ଧି) ଏବଂ ବିହାର (ଯ୬ ଗୁଣ ଅଭିବୃଦ୍ଧି) ଭଳି ରାଜ୍ୟରେ ଉଲ୍ଲେଖନୀୟ ସୁଧାର ଦେଖିବାକୁ ମିଳିଛି।

**ଗ୍ରାମାଞ୍ଚଳରେ ୬୯% ଏବଂ ସହରାଞ୍ଚଳରେ ୨୫% ବୃଦ୍ଧି**

ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ମଧ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛନ୍ତି (ଉଦାହରଣ ସ୍ୱରୂପ, ନାଗାଲାଣ୍ଡ: ୧୫.୭% ରୁ ୭୧.୧%)। ଜାତୀୟ ସ୍ତରରେ ସହରାଂଚଳରେ ସାମଗ୍ରିକ ଭାବେ ସାମାନ୍ୟ ଅଭିବୃଦ୍ଧି ଘଟିଛି। ତେବେ ସହରାଂଚଳ ଗୁଜରାଟରେ ଉଲ୍ଲେଖନୀୟ ଅଭିବୃଦ୍ଧି (୧୬.୨%ରୁ ୨୬.୪%, ଯ୬୩% ଅଭିବୃଦ୍ଧି) ହୋଇଛି କିନ୍ତୁ ସହରାଂଚଳ ତାମିଲନାଡୁରେ ସାମାନ୍ୟ ପରିବର୍ତ୍ତନ (୨୭.୬%ରୁ ୨୮.୮%) ଆସିଛି । ପ୍ରାୟ ସବୁ ରାଜ୍ୟରେ ମହିଳା ଏଲଏଫପିଆର ବୃଦ୍ଧି ପାଇଛି, ସହରାଂଚଳ ତୁଳନାରେ ଗ୍ରାମାଂଚଳରେ ଅଧିକ ଲାଭ ଦେଖିବାକୁ ମିଳିଛି । ଅବିବାହିତ ମହିଳାଙ୍କ ତୁଳନାରେ ଗ୍ରାମାଂଚଳରେ ବିବାହିତ ମହିଳାମାନେ ଅଧିକ ଅଂଶଗ୍ରହଣ ଅଭିବୃଦ୍ଧି ଦେଖାଇଛନ୍ତି। ରାଜସ୍ଥାନ ଓ ଝାଡ଼ଖଣ୍ଡ ଭଳି ରାଜ୍ୟରେ ବିଶେଷ କରି ବିବାହିତ ମହିଳାଙ୍କ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ତେବେ ଆଂଚଳିକ ଓ ଆନ୍ତଃରାଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଭିନ୍ନତା ରହିଛି। ଉତ୍ତର ରାଜ୍ୟଗୁଡ଼ିକ ମଧ୍ୟରେ ପଞ୍ଜାବ ଏବଂ ହରିୟାଣାରେ ମହିଳା ଏଲଏଫପିଆର କମ୍ ରହିଛି। ପୂର୍ବ ରାଜ୍ୟ ଗୁଡ଼ିକ ମଧ୍ୟରେ, ଗ୍ରାମୀଣ ବିହାରରେ ଦେଶର ସର୍ବନିମ୍ନ ଏଲଏଫପିଆର ଥିଲା, କିନ୍ତୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଛି - ବିଶେଷକରି ଗ୍ରାମୀଣ ବିବାହିତ ମହିଳାଙ୍କ କ୍ଷେତ୍ରରେ ।

# ମହିଳା ଭୋଟ ବ୍ୟାଙ୍କ

ସଦ୍ୟ ସମାପ୍ତ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଶାସକ ମେଣ୍ଟର ବିଜୟ ଅନେକଙ୍କୁ ବିସ୍ମିତ କରିଛି। କାରଣ ଗୋଟିଏ ଦଳ ଲଗାତାର ୫/୧୦ ବର୍ଷ କ୍ଷମତାରେ ରହିବା ପରେ ଏହାର ଲୋକପ୍ରିୟତା ଏବଂ ଭୋଟ ହାର ହ୍ରାସ ପାଇଥାଏ। କ୍ୱଚିତ ଏହାର ବ୍ୟତିକ୍ରମ ଦେଖାଯାଇଥାଏ। କିନ୍ତୁ ଏବେ ଅନେକ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହା ପୂର୍ବରୁ ହରିୟାନାରେ ମଧ୍ୟ ଶାସନ କ୍ଷମତାରେ ଥିବା ଦଳ ନିର୍ବାଚନରେ ବିଜୟୀ ହୋଇଥିଲା। ଏହାର କାରଣ କ'ଣ ହୋଇପାରେ ସେଥିନେଇ ଚର୍ଚ୍ଚା ହେଉଛି। ଶାସନ କ୍ଷମତାରେ ଥିବା ଦଳ ବା ସରକାର ନିର୍ବାଚନର ଠିକ ପୂର୍ବରୁ ଏଭଳି କିଛି ଲୋଭନୀୟ ଯୋଜନା ଏବଂ କାର୍ଯ୍ୟକ୍ରମ ଘୋଷଣା କରୁଛନ୍ତି ଏବଂ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ଯେଉଁଥିରେ ଭୋଟର ମାନେ ଶାସକ ଦଳ ସପକ୍ଷରେ ଯାଉଛନ୍ତି। ଆଉ କେତେକ ରାଜ୍ୟରେ ଶାସକ ବା ବିରୋଧୀ ଦଳ ପକ୍ଷରୁ ନିର୍ବାଚନ ଇସ୍ତାହାରରେ ଏଭଳି କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଉଛି ଯାହାକୁ ଭରସା କରି ମଧ୍ୟ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି। ସବୁ ଦଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟକୁ ପ୍ରଲୋଭିତ କରି ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଜାତି, ଧର୍ମ ବା ଲିଙ୍ଗ ଆଧାରରେ ଏହି ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ଅନେକ ଦଳ ମହିଳମାନଙ୍କୁ ପ୍ରଲୋଭିତ ବା ପ୍ରଭାବିତ କରି ସେମାନଙ୍କ ଭୋଟ ହାତେଇବାରେ ସଫଳ ହେଉଛନ୍ତି। ଅତୀତରେ ଓଡ଼ିଶାରେ ବିଜେଡି ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରି ଅନେକ ବର୍ଷ କ୍ଷମତାରେ ରହିଲା। ଏବେ ବିଜେପି ସେହି ନୀତି ଆପଣାଇଛି। ମହିଳାମାନେ ମିଳିତ ଭାବେ ଯାହାକୁ ଭୋଟ ଦେବେ ସେ ନିର୍ବାଚନୀ ସଫଳତା ପାଇବା ସ୍ୱାଭାବିକ। କାରଣ ଗତ କିଛି ବର୍ଷ ହେବ ନିର୍ବାଚନରେ ମହିଳାଙ୍କ ମତଦାନ ହାର ଅଧିକ ରହୁଥିବା ଦେଖାଯାଉଛି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ମହାୟୁତିର ବିଜୟ ପଛରେ ଏହା ଏକ ବଡ଼ କାରଣ ବୋଲି ଖୋଦ ଶରଦ ପାୱାର ସ୍ୱୀକାର କରିଛନ୍ତି। ମହିଳାମାନେ ଏଥର ବହୁ ସଂଖ୍ୟାରେ ଆସି ମତଦାନ କରିବା ଦ୍ୱାରା ସବୁ ଆକଳନ ଭୁଲ ପ୍ରମାଣିତ ହେଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ସିନ୍ଦେ ସରକାର ମହିଳାଙ୍କ ସମର୍ଥନ ପାଇବାକୁ ଲାଡଲି ବହେନ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱରା ମହିଳାମାନେ ବହୁ ସଂଖ୍ୟାରେ ଆସି ବିଜେପି ମେଣ୍ଟ ସପକ୍ଷରେ ଭୋଟ ଦେଲେ। ଠିକ ସେହିପରି ଝାଡ଼ଖଣ୍ଡରେ ଆଦିବାସୀ ମହିଳା ମାନେ ଜେଏମଏମ ନେତୃତ୍ୱାଧିନ ମେଣ୍ଟ ସପକ୍ଷରେ ଭୋଟ ଦେବା ଫଳରେ ସେଠାରେ ଏନଡିଏ ପରାଜିତ ହେଲା। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଥିଲେ ଏହି ନିର୍ବାଚନରେ ମୁଖ୍ୟ ଆକର୍ଷଣ। ତାଙ୍କୁ ଦେଖିବା ପାଇଁ ଦୁରଦୂରାନ୍ତରୁ ଆଦିବାସୀ ମହିଳମାନେ ନିର୍ବାଚନୀ ସଭାରେ ରୁଣ୍ଡ ହେଉଥିଲେ। ସେମାନେ ମିଳିତ ଭାବେ ଜେଏମଏମ ମେଣ୍ଟକୁ ସମର୍ଥନ କରିବା ଫଳରେ ସବୁ ପ୍ରକାର ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ଇଣ୍ଡିଆ ବ୍ଲକ ସେଠାରେ ବିଜୟୀ ହେଲା। ନଚେତ ହେମନ୍ତ ସରକାରଙ୍କ ବିରୋଧରେ ଯେଉଁ ସବୁ ଦୁର୍ନୀତି ଅଭିଯୋଗ ରହିଥିଲା ସେଥିରେ ଏହି ଦଳ ପରାଜିତ ହେବା ସୁନିଶ୍ଚିତ ଥିଲା। କହିବା ବାହୁଲ୍ୟ ଯେ, ଗତ ଲୋକସଭା ନିର୍ବାଚନରେ ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ଗତ ଲୋକସଭା ନିର୍ବାଚନରେ ବିପରୀତ ଫଳାଫଳ ଦେଖିବାକୁ ମିଳିଥିଲା। ମାତ୍ର ୫ ମାସ ବ୍ୟବଧାନରେ ଜନମତ ବଦଳିଗଲା। ଏହା ପୂର୍ବରୁ ଲୋକସଭା ନିର୍ବାଚନରେ ଉତ୍ତର ପ୍ରଦେଶରେ କଂଗ୍ରେସ-ସମାଜବାଦୀ ପାର୍ଟୀ ମେଣ୍ଟ ସପକ୍ଷରେ ଜନମତ ଯାଇଥିଲା। ଏହାର କାରଣ ମଧ୍ୟ ଥିଲା ମହିଳା ଭୋଟ।

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

**।। ଉମେଶ ଚନ୍ଦ୍ର ପାତ୍ର ।।**

> “ ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ ।

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ଼େଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ୍ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧରେ ଓ ଆଖି ୩ ଦିନ ମଧରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଦରଦାମ ନିର୍ଣ୍ଣାୟକ ହୋଇପାରେ

**।। ସୌଭାଗ୍ୟ ରଂଜନ ମହାନ୍ତି ।।**

ଦେଶରେ ୨୦୨୪ ସାଧାରଣ ନିର୍ବାଚନ ଆଉ ମାତ୍ର ଆଠ ମାସରୁ କମ ସମୟ ବାକି ଥିବାବେଳେ ଏନଡିଏ, ଇଣ୍ଡିଆ(ଇନଡିଆ) ଏବଂ ଏହି ଦୁଇ ମେଂଟରୁ ବାହାରେ ଥିବା ରାଜନୈତିକ ଦଳଗୁଡିକ ଏବେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ଦେଇଛନ୍ତି। କେଉଁ କେଉଁ ପ୍ରସଙ୍ଗ ନେଇ ସେମାନେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବେ, ସେ ନେଇ ମଧ ବ୍ୟାପକ ବିଚାର ବିମର୍ଷ ଆରମ୍ଭ କରିଦେଲେଣି ନିର୍ବାଚନ ସମୟ ଯେତିକି ଯେତିକି ପାଖେଇ ଆସୁଛି, ଦେଶରେ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢିଚାଲିଛି। ଡାଲି, ଚାଉଳ, ଅଟା ଠାରୁ ଆରମ୍ଭ କରି ପନିପରିବା ଦର ଏବେ ଲଗାମ ଛଡା ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ଇନ୍ଧନ ଗ୍ୟାସ ମଧ ଏବେ ଉପର ମୁହାଁ। ଗତ ୨୦୧୪ରେ ବିଜେପି କ୍ଷମତାକୁ ଆସିବା ବେଳେ ଦେଶରେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୪୧୮ ଟଙ୍କା ଥିବାବେଳେ ଏବେ ବିଜେପି ନେତୃତ୍ୱରେ ଏନଡିଏ ଶାସନର ୯ବର୍ଷ ପରେ ୧୧୨୭ ଟଙ୍କାରେ ପହଁଚିଛି। ଯାହାକି ୩ଗୁଣ ବୃଦ୍ଧି ପାଇଛି ସେହିପରି ପେଟ୍ରୋଲ ଓ ଡିଜେଲର ଲିଟର ପିଛା ମୂଲ୍ୟ ଏବେ ଶହେ ଟଙ୍କା ଉପରେ ରହିଛି। ଅବଶ୍ୟ ଗତ ୧୭ମାସ ଧରି ଏହାର ଦୈନନ୍ଦିନ ମୂଲ୍ୟ ବୃଦ୍ଧି ଘଟିନାହିଁ। ମାତ୍ର ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲର ବ୍ୟାରେଲ ପିଛା ମୂଲ୍ୟ ଏବେ ଆଶାତୀତ ଭାବେ ହ୍ରାସ ପାଇଥିଲେ ମଧ ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ମୂଲ୍ୟ ବଢୁଛି ସିନା କମିବାର ନାଁ ଧରୁନାହିଁ। ଏହା ନିଶ୍ଚିତ ଯେ, ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ଦେଶରେ ବିଭିନ୍ନ ସାମଗ୍ରୀର ପରିବହନ ଜନିତ ବ୍ୟୟ ବୃଦ୍ଧି କରିଥିବାବେଳେ ସାମଗ୍ରୀର ମୂଲ୍ୟ ମଧ ବୃଦ୍ଧି କରିଛି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଗୋଟିଏ ଦଶନ୍ଧି ପୂର୍ବରୁ ଯେତେବେଳେ ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ପାଉଥିଲା, ସେତେବେଳେ ବିରୋଧି ରାଜନୈତିକ ଦଳଗୁଡିକ ପ୍ରତିବାଦର କୌଣସି ସୁଯୋଗ ହାତଛଡା କରୁନଥିଲେ। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଆଡେ ପ୍ରତିବାଦରେ କମ୍ପି ଉଠୁଥିଲା। ଏପରି କି ତୈଳ ଦର ବୃଦ୍ଧି ପ୍ରତିବାଦରେ ବନ୍ଦ ପାଳନର ବହୁ ନଜୀର ମଧ ରହିଛି। ମାତ୍ର ଏବେ ଆଉ ସେପରି ସ୍ଥିତି ନାହିଁ। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ମୂଲ୍ୟ ବଢିଲେ ମଧ ଆଉ ପ୍ରତିବାଦର ସ୍ୱର ଶୁଭୁନାହିଁ। କେବଳ ଏତିକି ନୁହେଁ, ଦରଦାମ ବୃଦ୍ଧି ପ୍ରସଙ୍ଗ ନିର୍ବାଚନରେ ଶାସକ ଦଳ ବିରୁଦ୍ଧରେ ବିରୋଧି ଦଳର ମୁଖ୍ୟ ଆୟୁଦ୍ଧ ଥିଲା। ଦରଦାମ ବୃଦ୍ଧି ପ୍ରସଙ୍ଗକୁ ନେଇ ଅତୀତରେ ବହୁ ସରକାର କ୍ଷମତାଚ୍ୟୁତ ହୋଇଛନ୍ତି। ସ୍ମରଣ ଯୋଗ୍ୟ ଯେ, ପିଆଜର କିଲୋ ପିଛା ମୂଲ୍ୟ ୪୦ଟଙ୍କା ଟପିଯିବା ଯୋଗୁଁ ୨୫ବର୍ଷ ତଳେ ବିଜେପି ଚାରୋଟି ରାଜ୍ୟ ତଥା ମଧ୍ୟପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ ଏବଂ ହିମାଚଳ ପ୍ରଦେଶରେ କ୍ଷମତାଚ୍ୟୁତ ହୋଇଥିଲା। ଏହାର ପରବର୍ତୀ ସମୟରେ ବହୁବାର ପିଆଜର ମୂଲ୍ୟ ଶହେ ଟଙ୍କା ଟପିଥଲେ ମଧ ନିର୍ବାଚନ ଉପରେ ଏହାର କୌଣସି ପ୍ରଭାବ ପଡୁଥିବ ମନେହୁଏ ନାହିଁ। ଏବେ ଟମାଟୋର କିଲୋ ପିଛା ଦର ୨୦୦ଟଙ୍କା ଉପରେ ରହିଛି। ଯାହାକି ସର୍ବକାଳୀନ ରେକର୍ଡ ବୋଲି କୁହାଯାଇପାରେ । କେବଳ ଟମାଟୋ ନୁହେଁ ଡାଲି, ଚାଉଳ, ଅଟା'ର ମୂଲ୍ୟ ମଧ ଆକାଶଛୁଆଁ ହୋଇଛି। ଗରିବ, ମଧ୍ୟବିତ ପରିବାର ହାଣ୍ଡିଶାଳ ଉପରେ ସିଧାସଳଖ ଚଡକ ପଡିଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଏବେ କୌଣସି ଏକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ ବୃଦ୍ଧି ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବାର ଆଦୌ ସମ୍ଭାବନା ଥାଇନପାରେ। କିନ୍ତୁ ଭୋଟଦାତାଙ୍କ ପେଟର ଜ୍ୱାଳା ସରକାରଙ୍କୁ କ୍ଷମତାଚ୍ୟୁତ କରିବାର ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଅନ୍ୟପକ୍ଷରେ ନିର୍ବାଚନରେ ଭୋଟଦାତାଙ୍କୁ ଆକର୍ଷିତ କରିବା ପାଇଁ ମାଗଣା ସାମଗ୍ରୀ ବଂଟନ ସହ ଲୋଭନୀୟ ଜନକଲ୍ୟାଣକାରୀ ଯୋଜନାର ପ୍ରତିଶ୍ରୁତି ଘୋଷଣା ରାଜନୈତିକ ଦଳମାନଙ୍କର ଏକ ପରମ୍ପରାରେ ପରିଣତ ହୋଇଗଲାଣି। ରାଜନୈତିକ ଦଳଗୁଡିକର ଲୋଭନୀୟ ମାଗଣା ଘୋଷଣା ନିକଟରେ ଦରଦାମ ବୃଦ୍ଧି ପ୍ରଭାବ ହୀନ ହୋଇପଡୁଥିବା ମନେହୁଏ। ନିକଟରେ ପ୍ରଧାନମନ୍ତ୍ରୀ ଭାରତକୁ ତୃତୀୟ ଅର୍ଥନୈତିକ ଶକ୍ତିରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସାଧାରଣ ନିର୍ବାଚନରେ ଏହା କି ପ୍ରଭାବ ପକାଇବ, ଭବିଷ୍ୟତ ହିଁ କହିବ। ଅତୀତରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଦେଶରେ ଆର୍ଥୀକ ସଂସ୍କାରକୁ ଆଗେଇ ନେବା ସହ ଆର୍ଥୀକ ଅଭିବୃଦ୍ଧି ୮.୫ ପ୍ରତିଶତରେ ପହଁଚାଇଥିଲେ। ମାତ୍ର ୨୦୦୪ ନିର୍ବାଚନରେ ସରକାର କ୍ଷମତାଚ୍ୟୁତ ହୋଇଥିଲା। ୨୦୧୩ ମସିହାରେ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାର ଲୋକଙ୍କ ନିକଟରେ ବିଭିନ୍ନ ଯୋଜନାର ଆର୍ଥୀକ ସହାୟତା ପହଁଚାଇବା ଲାଗି ହିତାଧିକାରୀଙ୍କ ଖାତାକୁ ସିଧାସଳଖ ଅର୍ଥ ହସ୍ତାନ୍ତର (ଡିବିଟି) ଯୋଜନା ସହ ଲୋକାଦୃତ ଖାଦ୍ୟ ସୁରକ୍ଷା ଯୋଜନା ଆଇନ ପ୍ରଣୟନ କରିଥିଲେ। ମାତ୍ର ୨୦୧୪ ନିର୍ବାଚନରେ ୟୁପିଏ ଘୋର ବିପର୍ଯ୍ୟାୟ ସମ୍ମୁଖୀନ ହୋଇଥିଲା। ଏବେ କଂଗ୍ରେସ ନିଜର ସତା ରକ୍ଷା କରିବା ପାଇଁ ଲାଗି ପଡିଛି। ଉପରୋକ୍ତ ଘଟଣାବଳୀରୁ ଏହା କୁହାଯାଇପାରେ ଆର୍ଥୀକ ବିକାଶ, ଭୋଟଦାତାଙ୍କ ଉପରେ କୌଣସି ପ୍ରଭାବ ପକାଏ ନାହିଁ କି ପ୍ରଭାବିତ କରେ ନାହିଁ। ମାତ୍ର ଦରଦାମ ବୃଦ୍ଧିକୁ ଭୋଟଦାତା ସାମୟିକ ପାଶୋରୀ ଯାନ୍ତି। କିନ୍ତୁ ପେଟର ଜ୍ୱଳାକୁ ନୁହେଁ। ଏହା ରାଜନୈତିକ ଦଳମାନଙ୍କୁ ମନେ ରଖିବାକୁ ହେବ। ୨୦୨୪ ସାଧାରଣ ନିର୍ବାଚନରେ ଦରଦାମ ବୃଦ୍ଧି ନିର୍ଣ୍ଣାୟକ ଭୂମିକା ନେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଭାବନାତ୍ମକ ଅପହରଣ ଓ ଅବସାଦ

**।। ଡାକ୍ତର ସମ୍ରାଟ କର ।।**

ବହୁତ ବ୍ୟସ୍ତତା ଭିତରେ ବାରମ୍ବାର ଫୋନ କଲାପରେ ଅନୁଲିପ ବନ୍ଧୁ ଅନୁଜ ପ୍ରତିମ ଶ୍ରୀକାନ୍ତର ଫୋନଟି ସେଦିନ ବହୁତ ବ୍ୟସ୍ତଭରା ଥିଲା। ସେ ବିଶେଷ ଭାବେ ବ୍ୟସ୍ତ ଥିଲା ତାର ବନ୍ଧୁ ସୁପ୍ରୀତି ବିଷୟରେ। ସେ ମୋତେ କହିଲେ ଯେ କିଛି ଘଟଣାକୁ ନେଇ ସୁପ୍ରୀତି ମାନସିକ ଭାବେ ଅସନ୍ତୁଳନରେ ରହିଛି। କିନ୍ତୁ ସେ କାହାକୁ କିଛି ନଜଣାଇ ସହଜେ ଶାରୀରିକ ଭାବେ ଦୁର୍ବଳ ମଧ ହୋଇଗଲାଣି ଏବଂ ଚୁପଚାପ ରହିବା ସହ ତା ଦୈନନ୍ଦିନ କାର୍ଯ୍ୟମଧ ବାଧାପ୍ରାପ୍ତ ହେଉଛି। ସେ ମୋ ଠାରୁ ସବିଶେଷ ଭାବେ ଏ ସଂକ୍ରାନ୍ତରେ ଜାଣିବା ପାଇଁ ଚାହୁଁଥିଲେ ମୁଁ ତାଙ୍କୁ କହିଲି ଏସବୁ ଘଟଣା ହେଉଛି, ସ୍ୱାସ୍ଥ୍ୟ ସମସ୍ୟା, ସମ୍ପର୍କ ସମସ୍ୟା, ଚାକିରି ହରାଇବା, ଅର୍ଥ ସଙ୍କଟ, ଏସବୁ ବିଷୟରେ ଲୋକମାନେ ଭାବି ଚିନ୍ତା ଏବଂ ଅବସାଦରେ ରହନ୍ତି। କିଛି ଅବସାଦଗ୍ରସ୍ତ ଲୋକ ଏସବୁ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟାର ରାସ୍ତା ବାଛିଥାନ୍ତି। ଆମ ମାନସିକ ସ୍ୱାସ୍ଥ୍ୟ କେତେ ଦୁର୍ବଳ ଏଥିରୁ ଜଣାପଡ଼େ। ଚିନ୍ତା, ଅବସାଦ ପରି ସେମିତି ଏକ ମାନସିକ ସମସ୍ୟା ହେଉଛି ଇମୋସନାଲ ହାଇଜ୍ୟାକ୍।

ଏହି ମାନସିକ ସ୍ଥିତି ବିଷୟରେ ଅଧିକାଂଶ ଲୋକ ଜାଣିପାରନ୍ତି ନାହିଁ। ଅବସାଦ ପରି ଇମୋସନାଲ ହାଇଜ୍ୟାକ୍ ମଧ ଏକ ପ୍ରକାର ମାନସିକ ସମସ୍ୟା। ଭାବନାତ୍ମକ ଅପହରଣ ବା ଇମୋସନାଲ ହାଇଜ୍ୟାକ ଏମିତି ଏକ ମାନସିକ ସ୍ଥିତି, ଯାହା ଜଣେ ବ୍ୟକ୍ତିର ଭାବନା ଏବଂ ବିଚାର କରିବାର ଅନୁଭବ ଠାରୁ ଦୂରକୁ ନେଇଯାଏ। ଏହି ଅବସ୍ଥାରେ ବ୍ୟକ୍ତି ନିଜର ସ୍ୱତନ୍ତ୍ରତା ଏବଂ ସ୍ୱୟଂ ପ୍ରତି ନିୟନ୍ତ୍ରଣ ହରାଇ ବସେ ଏବଂ ନିଜର ଜୀବନକୁ ବୁଝିବା ଏବଂ ନିୟନ୍ତ୍ରଣ କରିବାରେ ସମସ୍ୟା ହୋଇଥାଏ। ଯେଉଁଥିରେ ଏହା ଜଣେ ବ୍ୟକ୍ତିର ସାମାଜିକ ଏବଂ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ ବେଳେ ବେଳେ ଆମେ ଭୁଲ କଲେ ମଧ ସେହି ଭୁଲ ବିଷୟରେ ଚିନ୍ତା କରିନଥାଉ। କିନ୍ତୁ ଇମୋସନାଲ ହାଇଜ୍ୟାକିଙ୍ଗ ସ୍ଥିତିରେ ଘଟଣା ଘଟିବା ପରେ ନିଜ ଦ୍ୱାରା ଦିଆଯାଇଥିବା ପ୍ରତିକ୍ରିୟା ବିଷୟରେ ଭାବିଥାଉ ଆମେ ଏମିତି କାହିଁକି କଲୁ। ଏମିତି କରିବାର ନଥିଲା। ଯଦି ଆହୁରି ସହଜ ଶବ୍ଦରେ ବୁଝିବେ, ତାହେଲେ ବିନା କାରଣରୁ ଯଦି ଆପଣ କାହାକୁ ପାଟିକରିବେ କିମ୍ବା ଅନ୍ୟ କାହାର ଭୁଲ ପାଇଁ ନିଜର ପିଲାକୁ କିମ୍ବା ନିଜ ପରିବାର ଲୋକଙ୍କ ଉପରେ ଚିଲାଇବେ। ପରେ ଏହି ବିଷୟରେ ଭାବିବେ ଆପଣ କାହିଁକି ଏମିତି କଲେ? ଏମିତି ସ୍ଥିତିକୁ ଇମୋସନାଲ ହାଇଜ୍ୟାକ ବା ଆମିଗଡ଼ାଲା ହାଇଜ୍ୟାକ କୁହାଯାଇଥାଏ। କେବେ କେବେ ଏହି ଘଟଣା ସାଧାରଣ ହୋଇଥାଏ। କିନ୍ତୁ ଆପଣଙ୍କ ସହିତ କିମ୍ବା ଆପଣଙ୍କ ସାଙ୍ଗସାଥିଙ୍କ ସହିତ ଏମିତି ବାରମ୍ବାର ହେଉଥିଲେ ସତର୍କ ହୁଅନ୍ତୁ। କାରଣ ଏହା ଇମୋସନାଲ ହାଇଜ୍ୟାକିଙ୍ଗ ସମସ୍ୟା ହୋଇପାରେ। କୌଣସି କାରଣରୁ ରାଗିବା, ମନରେ ଭୟ ସୃଷ୍ଟି ହେବା, ଆବଶ୍ୟକତା ଠାରୁ ଅଧିକ କାହାକୁ ଭଲ ପାଇବା, ନିଜକୁ ଘୃଣା କରିବା, କୌଣସି କଥା ପାଇଁ ନିରାଶ ରହିବା ଏସବୁ ଇମୋସନାଲ ହାଇଜ୍ୟାକିଙ୍ଗ ସ୍ଥିତି ସୃଷ୍ଟି କରିଥାଏ। ଏସବୁ କ୍ଷେତ୍ରରେ ରୋଗୀଟିର ଆଖପାଖ ଲୋକଙ୍କର ଗୁରୁ ଦାୟିତ୍ୱ ରହିଛି। ସେମାନେ ସବୁବେଳେ ତା ପାଖେ ପାଖେ ରହିବା ସହ ତାକୁ ମାନସିକ ଭାବେ ସମର୍ଥନ ଓ ସହାନୁଭୂତି ଦିଅନ୍ତୁ। ତାଙ୍କୁ ନିଃସଙ୍ଗ ବା ଏକଲାପଣ ଠାରୁ ଦୂରେଇ ରଖନ୍ତୁ। ସେ ଯେପରି ଏକ ଭଲ ସ୍ୱାସ୍ଥ୍ୟଗତ ରୁଟିନରେ ରହିବେ ସେ ଦିଗ ପ୍ରତି ସଚେତନ ରୁହନ୍ତୁ। ତାଙ୍କ ପାଇଁ ସୁଷମ ଖାଦ୍ୟ ଭଲ ସେ ଯେପରି ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବେ ସେ ଦିଗକୁ ଦେଖନ୍ତୁ। ଏହା ସେପରି ଏକ ମାନସିକ ରୋଗ ନୁହେଁ। କିନ୍ତୁ ନିୟମିତ ଭାବେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କ୍ଷୁଦ୍ର କୋଶଲି ସିନେମା 'ଆମେ ବିଶ୍ୱର ଏକ ପରିବାର' ଲୋକାର୍ପିତ



ସିନାପାଲି,(ନିପ୍ର): କୋଶଳୀ କ୍ଷୁଦ୍ର ନାଟକ 'ଆମେ ବିଶ୍ୱର ଏକ ପରିବାର' ର ସିନେମାକରଣ ପରେ ନୂଆପଡ଼ା ଜିଲ୍ଲା ସିନାପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଲୋକାର୍ପିତ ହୋଇଛି । ଯୁବ ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ଲିଖିତ, ଅଭିନିତ ଓ ନିର୍ଦ୍ଦେଶିତ ଏହି କ୍ଷୁଦ୍ର ସିନେମାରେ ନରହରି ମେହେର, ଭଗବାନ ଚଲାନ, କିଶୋର ସେଠି, ହିମାଦ୍ରୀ ମାଝୀ, ରଶ୍ମିତା ଜଗତ, ବିଘ୍ନେଶ୍ୱର ମେହେର, ପରମାନନ୍ଦ ମେହେର, ଭୀଷ୍ମରାଜ ମେହେର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ବେଳେ ବିଶ୍ୱନାଥ ମେହେର ଓ ରୂପଧର ପ୍ରଧାନ ସହଯୋଗ କରିଛନ୍ତି । ଲୋକାର୍ପିତ କାର୍ଯ୍ୟକ୍ରମର ଅତିଥି ଭାବରେ ନାଗରିକ କମିଟି ଅଧ୍ୟକ୍ଷ ଡମ୍ବରୁଧର ମେହେର, ରବିଂଦ୍ର ବାବା, ବରିଷ୍ଠ କଳାକାର ନରହରି ମେହେର, ଲିଙ୍ଗରାଜ ମେହେର, ଅଧ୍ୟାପକ ନବୀନ ଚନ୍ଦ୍ର ମେହେର, ମେଘନାଦ ମେହେର, ଯୁବକବି ବୈଷ୍ଣବ ମେହେର, ସମାଜସେବୀ ବୁଦ୍ଧଦେବ ମେହେର ଯୋଗଦେଇ ଥିଲେ । ରୂପେଶ ଚନ୍ଦ୍ର ମେହେର ସଭାକାର୍ଯ୍ୟ ପରିଚାଳନା କରିଥିଲେ । କୁସଂସ୍କାର ଦୂରିକରଣ ସହ ପରିବାର ଓ ଗାଁ ରେ ଏକତା ବଜାୟ ରଖିବା ନାଟକର ମୁଖ୍ୟ ବାର୍ତ୍ତା ହୋଇଥିବାରୁ ଏହା ସମାଜ ପାଇଁ ବେଶ ଉପଯୋଗୀ ହେବା ସହ ନାଟକର ସିନେମାକରଣ ଆଗାମୀ ଦିନରେ ସ୍ଥାନୀୟ କଳା ଓ କଳାକାରଙ୍କୁ ଉତ୍ସାହିତ କରିବ ବୋଲି ଏ ଅବସରରେ ମତ ପ୍ରକାଶ ପାଇଥିଲା । ଯୁବ ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ଏ ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ

ନିଶ୍ଚିନ୍ତକୋଇଲି,: ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଘେଓ୍ୱାରଚାନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ରେବତୀ ରାଉତରାୟଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ସିଆରସିସି ରାଜକିଶୋର ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିରୂପେ ନିଶ୍ଚିନ୍ତକୋଇଲି ବ୍ଲକର ଅତିରିକ୍ତ ଶିକ୍ଷାଧିକାରିଣୀ ଶ୍ରୀମତୀ ପାର୍ବତୀ ନନ୍ଦ, କେନ୍ଦୁପାଟଣା ଗ୍ରାମପଂଚାୟତ ସରପଂଚ ଶ୍ରୀମତୀ ପ୍ରଗତୀ ପ୍ରଭା ମହାନ୍ତି , ସମିତି ସଭ୍ୟା ଭାରତୀ ରାଉତ,ଶ୍ରୀମତୀ କୁସୁମଲତା ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ କୁମାର ବେହେରା,ପ୍ରଧାନ ଶିକ୍ଷକ ସୁଶିଲ କୁମାର ଚକ୍ରବର୍ତୀ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ଶ୍ରୀମତୀ ରାଉତରାୟଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିବା ସହ ଏକାଧାରରେ ସେ ଜଣେ ଛାତ୍ରବତ୍ସଳା,ସମୟାନୁବର୍ତିତା ଓ କର୍ତବ୍ୟ ପରାୟଣା ଶିକ୍ଷୟିତ୍ରୀ ରୂପେ ପରିଚିତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ନନ୍ଦ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ରାଉତରାୟଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି




**କେନ୍ଦ୍ରାପଡା,(ନି.ପ୍ର):** ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଶିଶୁ ହସିଲେ ଦେଶ ହସିବ ଓ ଗାଁ ଗହଳିରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ଓ ତାହାକୁ ବିକଶିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଶିଶୁ ମହୋତ୍ସବ "ସୁରଭି" । ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, କେନ୍ଦ୍ରାପଡାର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ପ୍ରଦୀପ କୁମାର ନାଗ ଯୋଗ ଦେଇଥିଲା ବେଳେ ମହାକାଳପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ଦଳାଇ, ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ, ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷା ଅଧିକାରୀ ହରିହର ଦଳାଇ, ରାଜନଗର ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ, ଏସସିଏସଟି ପ୍ରକଳ୍ପ ସଂଯୋଜକ କିରଣ ତୃଷ୍ଣା ସାହୁ ପ୍ରମୁଖ ସମ୍ମାନନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସୁରଭି ମହୋତ୍ସବର ଉଦଘାଟନ ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଜିଲ୍ଲାର ସମସ୍ତ ବ୍ଲକରୁ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସୁରଭି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସୁରଭି ମହୋତ୍ସବ ନିମନ୍ତେ ଆୟୋଜିତ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଓ ଶ୍ରୁତିଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ବିଷୟ ଆଧାରିତ ଚିତ୍ରକଳା ଓ ଶିଳ୍ପକଳା ଆଦି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଅପରାହ୍ଣର ଅନୁଷ୍ଠିତ ଉଦଯାପନୀ ସମାରୋହରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ । ସମ୍ମାନନୀତ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଆତ୍ମବିଶ୍ୱାସର ବିକାଶ ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚରିତ୍ରବାନ, ନିଷ୍ପାପର ହେବା ସହ ପରିବେଶ ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ବୈଠକ



ବସ୍ତା, (ନିପ୍ର) : ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ସିଙ୍ଗଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିନ ବାରଟା ସମୟରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରୋଗୀ କଲ୍ୟାଣ ସମିତି ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପରିଷଦ ସଦସ୍ୟା ସୁଜାତା ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଦେବବ୍ରତ ଜେନା, ସିଙ୍ଗଲାର ଭାର ପ୍ରାପ୍ତ ଅଧିକାରୀ ଡାକ୍ତର ରାଜୀବ ଲୋଚନ ପଣ୍ଡାଙ୍କ ସହିତ କମିଟିର ସଦସ୍ୟ ଭାବେ ପୁଟୁରା ପଞ୍ଚାୟତ ର ସରପଞ୍ଚ ରାଧାକୃଷ୍ଣ ବେହେରା, ସିଙ୍ଗଲା ସରପଞ୍ଚ ବିପିନ ବିଶ୍ୱାଳ, ଆଇସିଡିଏସର ବୈଜୟନ୍ତୀ ମଣ୍ଡଳ, ଇଲେକ୍ଟ୍ରି ବିଭାଗର ଜେଇ ସଞ୍ଜୟ କୁମାର ଦେ, ଲୋକାଲ ହେଡମାଷ୍ଟର ପରମାନନ୍ଦ ପ୍ରଧାନଙ୍କ ସହ ୨୫ ଜଣ ସଦସ୍ୟ ସଦସ୍ୟା ଯୋଗ ଦେଇ ହସ୍ପିଟାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସମସ୍ୟା ଗୁଡିକ ମଧ୍ୟରେ ଡାକ୍ତର ରାଜୀବ ଲୋଚନ ପଣ୍ଡାଙ୍କୁ ଡେପୁଟେସନ ରେ ନପଠାଇ ସ୍ଥାୟୀ କରିବା । ଡାକ୍ତରଙ୍କ ରହିବା ପାଇଁ କୋଠରୀ ନିର୍ମାଣ, ହସ୍ପିଟାଲ ବାଉଣ୍ଡାରୀ ମଧ୍ୟରେ ହାଇମାକ୍ସ ଲାଇଟ ଲଗାଇବା ପାଇଁ ପ୍ରସ୍ତାବ, ପୁରୁଣା ବିଲ୍ଡିଂରେ ଇଲେକ୍ଟ୍ରୀ ଉପକରଣର ମରାମତି, ସମସ୍ତ କବାଟ, ଝରକାର ନବୀକରଣ, ପ୍ଲାନଟେସନ ସୃଷ୍ଟି ସହିତ ଗେଟ୍ ସମ୍ମୁଖରେ ଡ୍ରେନ ନିର୍ମାଣ ପାଇଁ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା ।

## ୨୮ ଟିକିଆ ଝାଡଖଣ୍ଡୀ ହାତୀପଲ ନଷ୍ଟ କଲେ ଧାନକ୍ଷେତ



କରଞ୍ଜିଆ,(ନିପ୍ର): ଦୀର୍ଘ ଦେଢ ମାସ ବ୍ୟବଧାନରେ ଭୋର ପ୍ରାୟ ୫ଟା ସମୟରେ ୨୮ ଟିକିଆ ଝାଡଖଣ୍ଡ ହାତୀପଲ କେନ୍ଦୁଝର ଜିଲ୍ଲାରୁ କରଞ୍ଜିଆ ବନଖଣ୍ଡରେ ପ୍ରବେଶ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅଞ୍ଚଳରୁ ଦେଓ ନଦୀର ତ୍ରିଧାରା ହୋଇ ୭ଟି ହାତୀ କରଞ୍ଜିଆ ବ୍ଲକର ଶରଧା ଗ୍ରାମକୁ ଆସି ପୁନଃ ଫେରି ଯାଇଥିଲେ । ଆଜି ଭୋର ସମୟରେ କରଞ୍ଜିଆ ବନଖଣ୍ଡର ବଡ଼ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦେଓ ନଦୀ ହୋଇ ଭଅଁରାପୋଷି ଗ୍ରାମକୁ ୨୮ଟିକିଆ ହାତୀପଲ ପ୍ରବେଶ କରିଥିଲେ । ଉକ୍ତ ସମୟରେ କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ସଦଳବଳେ ହାତୀପଲର ଗତିବିଧି ଜାଣି ଧାନକ୍ଷେତକୁ ସୁରକ୍ଷିତ ପାଇଁ ସେମାନଙ୍କୁ ଏକ ନାଳ କଡ ଦେଇ ଘଉଡ଼ାଇ ଥିଲେ । ପ୍ରବଳ କୁହୁଡି ଯୋଗୁଁ ହାତୀପଲଙ୍କୁ ଠାବ କରିବା ଅସମ୍ଭବ ସତ୍ତ୍ୱେ ହାତୀପଲ ବଡ଼ଦେଉଳି ଗ୍ରାମସ୍ଥିତ ସଂରକ୍ଷିତ ଜଙ୍ଗଲକୁ ଆସିଥିଲେ ।ଆସିବା ବାଟରେ କେତେକ ଧାନକ୍ଷେତକୁ ନଷ୍ଟ କରିଥିବା ଜଣାଯାଇଛି । ହାତୀପଲ ବଡ଼ଦେଉଳି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିଲେ । ହାତୀପଲରେ ୮ ଦନ୍ତା, ୧୩ ମାଈ ଏବଂ ୭ ଛୁଆ ହାତୀ ଥିବା ଜଣାପଡିଛି ।

## ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ପକ୍ଷରୁ ୨୦୨୪ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ମାନଙ୍କୁ ସମ୍ବର୍ଦ୍ଧନା



ବସ୍ତା, (ନିପ୍ର): ବାଲେଶ୍ୱର ବସ୍ତା ଥାନା ଷାଠିଏ ନମ୍ବର ଜାତୀୟ ରାଜ ପଥ କଟିପୋଲ ନିକଟ ବାସନ୍ତୀ ପ୍ଲାଜା ନିକଟରେ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ୩ଜଣ ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନବିଭାଗ ଓଡିଶା ସରକାର ଦ୍ୱାରା ପୁରସ୍କୃତ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପ୍ରତିଭା ଧାରୀ ଉଦିୟମାନ ଯୁବ ପ୍ରତିଭାଙ୍କୁ ସୁରେନ୍ଦ୍ରନାଥ ସ୍ମୃତି କମିଟିର ସଭାପତି ସୁମନ୍ତ କୁମାର ଜେନାଙ୍କ ତତ୍ତ୍ୱାବ ଧାନରେ ଅତିଥି ମାନଙ୍କ ଦ୍ୱାରା ଗୁରୁବାର ଅପରାହ୍ଣରେ ଉତ୍ତରିୟ ଫୁଲତୋଡା ଜଗନ୍ନାଥ ଫଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଇ ସମ୍ବର୍ଦ୍ଧନା ସଭାରେ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଂଞ୍ଚାଳକ ବିଜୟ ଜୀ ସଭାପତିତ୍ୱ କରିଥିଲେ । ବସ୍ତା ପ୍ରେସ କ୍ଲବର ସଭାପତି ବିଜୟକୁମାର ଭୂୟାଁ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ମୁଖ୍ୟ ଅତିଥି ବସ୍ତା ବିଧାୟୀକା ସୁବାସିନୀ ଜେନା, ମୁଖ୍ୟବକ୍ତା ଅଭୟ ଦାସ, ସମ୍ମାନୀତ ଅତିଥି କୁମୁଦ ରଞ୍ଜନ ଗିରି, ବିଜୟ ଦାସ ଅଧିକାରୀ, ସ୍ମୃତି କମିଟିର ପ୍ରତିଷ୍ଠାତା ବାସନ୍ତୀ ଦେବୀ, ସୁଲୋଚନା ଜେନା, ସତ୍ୟଭାମା ଜେନା, ଦେବସେନା ଜିଲ୍ଲା ସଭାପତି ଶଙ୍କର କୁମାର ଜେନା, ସମାଜସେବୀ ଦେବେନ୍ଦ୍ର ବେହେରା, ଶିକ୍ଷାବିତ ଦାସରଥି ରାଉତ, ସମାଜସେବୀ ଅମର କୁମାର ପାଳ, ଯୋଗ ଦେଇଥିଲେ । ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତର ଅନ୍ତର୍ଯ୍ୟାମି ରାଉଳ ପ୍ରକୃତି ବନ୍ଧୁ ମାନପତ୍ର ପାଇଥିବା ବେଳେ ରଘୁନାଥପୁର ପଞ୍ଚାୟତ ବିବେକାନନ୍ଦ ଯୁଥ କ୍ଲବ ସଭାପତି ବେଲି ଗ୍ରାମର ସଞ୍ଜୟ କୁମାର ପାତ୍ରଙ୍କୁ ପ୍ରକୃତି ମିତ୍ର ଓ ସଦର ବ୍ଲକ ମହକୁମା ସମୟଚକ୍ର ସମ୍ପାଦକ ସମାଜସେବୀ ସର୍ବେଶ୍ୱର ଜେନା ମଧ୍ୟ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନୀତ ହୋଇଛନ୍ତି । ଏହି ସମସ୍ତଙ୍କୁ ବସ୍ତା ବିଧାୟୀକା ସୁବାସିନୀ ଜେନା ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାଜସେବୀ ସୁମନ୍ତ ଜେନା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ଶେଷ କରିଥିଲେ ।

## ଗଇଲ ବେର୍ଣ୍ଣାରେ ସତ୍ୟ ମହିମା ବ୍ରହ୍ମଯଜ୍ଞ ଅନୁଷ୍ଠିତ

ସୁବର୍ଣ୍ଣପୁର,(ନିପ୍ର): ସୋନପୁର ବ୍ଲକର ଗଇଲ ବେର୍ଣ୍ଣା ଗ୍ରାମର ମହିମା ଆଶ୍ରମରେ ସତ୍ୟ ମହିମା ବ୍ରହ୍ମଯଜ୍ଞ ଖୁବ୍ ଧୁମଧାମ ସହ ଅନୁଷ୍ଠିତ ହୋଇଥିଲା ଓ ଏହି ଯଜ୍ଞରେ ମଠର ବାବାମାନେ ଜଗତ ଭଗତ ସଂସାରର ମଙ୍ଗଳ



ନିମନ୍ତେ ଝାଡବତୀ ଟେକି ପ୍ରାର୍ଥନା କରିଥିଲେ ଓ ଏହି ଉପଲକ୍ଷେ ଏକ ଆଧାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା ଯହିଁରେ ମଠର ସଭାପତି ଭକ୍ତ ଗୋବିନ୍ଦ ନନ୍ଦ ଅଧକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ମଠର ସଂପାଦକ ଦୁର୍ଗା କଲତା ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ସନ୍ଥକବି ଚନ୍ଦ୍ରମଣି ଦାସ ଓ ଭୀମଭୋଇ ସ୍ମୃତି ଟ୍ରଷ୍ଟର ସଭାପତି ଗୋରେଖନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୀତା ଓ ସ୍ତୁତି ଚିନ୍ତାମଣିରେ ଆଧାତ୍ମିକ ବୈଜ୍ଞାନିକତା ଉପରେ ଆଲୋକପାତ କରିଥିଲେ ଓ ଜିଲ୍ଲା ପରିଷଦ ସଭ୍ୟା ପ୍ରମିଳା କଲତା ମୁଖ୍ୟ ଅତିଥି ବାବେ ଯୋଗଦେଇ ମଠର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ ଓସେହିପରି ପ୍ରାଧ୍ୟାପିକା ମୀନା ମହାରଣା ସମ୍ମାନୀତ ବକ୍ତା ଭାବରେ ଯୋଗଦେଇଥିଲେ ଓ ବିଶିମୁଣ୍ଡା ସରପଞ୍ଚ ପ୍ରତିନିଧି ଗଜପତି ସୁନା , କୃଷ୍ଣଚନ୍ଦ୍ର ନନ୍ଦ, ମୋହନ ମହାନନ୍ଦ, ମିଲୁ ତାଣ୍ଡି ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ ଓ ଏହି ଉପଲକ୍ଷେ ଆକର୍ଷଣୀୟ ମହିମା ଭଜନ କୀର୍ତ୍ତନ ଗାନ କରାଯାଇଥିଲା ଓ ଏଥିରେ ଶତାଧିକ ବାବାମାତା ଭକ୍ତଜନ ଯୋଗଦେଇ ଶରଣ ଦର୍ଶନ କରିଥିଲେ ଓ ସଭା ଶେଷରେ ଉତ୍ତମ ସିଂ ନାଗ ଧନ୍ୟବାଦ ଦେଇଥିଲେ ଓ କାର୍ଯ୍ୟକ୍ରମଟିକୁ ବୈକୁଣ୍ଠେଶ୍ୱର ବାରିକ ସଂଯୋଜନା କରିଥିଲେ ।

## ବୈଜ୍ଞାନିକ ମନୋଭାବର ବିକାଶର ମାଧ୍ୟମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ସୁବର୍ଣ୍ଣପୁର,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ବାଲୁଙ୍କେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟ ସର୍ଗୁଲରେ ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଡୁଙ୍ଗୁରିପାଲି ବ୍ଲକ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ । ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ପଞ୍ଚାନନ ବାରିକ ସଭା ପରିଚାଳନା କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ, ଡୁଙ୍ଗୁରିପାଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବଯାନୀ ବେହେରା, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା, ବଟକୃଷ୍ଣ ପାଢ଼ୀ, ଜଗତ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସାହୁ, ବନ୍ଧପାଲି ଗ୍ରାମପଂଚାୟତର ସମିତି ସଭ୍ୟ ପ୍ରତିନିଧି ବନବସ ଭୋଇ, ସର୍ଗୁଲ ସିଆରସିସି ନୀଳକଣ୍ଠ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ବୈଜ୍ଞାନିକ ମନୋବୃତ୍ତିର ବିକାଶ ପାଇଁ ବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ସ୍ଥାନୀୟ ବିଦ୍ୟାଳୟ ର ଛାତ୍ରୀ ମାନେ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ଅତିଥିଙ୍କୁ ସ୍ୱାଗତ କରିବା ପରେ ସ୍ୱାଗତ ସଂଗୀତ ଗାନ କରିଥିଲେ । ବିଜ୍ଞାନ ଶିକ୍ଷକ ମୀନକେତନ ମେହେର, ପ୍ରିୟରଞ୍ଜନ ଭୋଇ, ମନୋଜ କୁମାର ପଧାନ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ସମୁଦାୟ ୧୧୩ ଟି ବିଜ୍ଞାନ, ଗଣିତ ଓ ପରିବେଶ ପ୍ରକଳ୍ପ ଶିଶୁ ବୈଜ୍ଞାନିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଶିକ୍ଷକ ଶ୍ରୀକୁମାର ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବ ରେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ କିଷାନ ସଭାପତିତ୍ୱ କରିଥିଲେ । ଶ୍ରୀରାମ ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼ ଯୋଗେଶ ରାଉତ ମୁଖ୍ୟ ବକ୍ତା, ସର୍ଗୁଲ ଗ୍ରାମ ପଂଚାୟତ ସମିତି ସଭ୍ୟ ପୁରନ୍ଦର ସାହୁ, ବ୍ଲକ ବିଜ୍ଞାନ କମିଟି ସଭାପତି ତଥା ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୈଶାଖୁ ପଧାନ, ଆଗାମୀ ବର୍ଷ ବିଜ୍ଞାନ ମେଳା ହେବାକୁ ଥିବା କନ୍ଦାଗାଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସାହୁ , ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ସାହାଣୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ବିଭିନ୍ନ ବିଷୟରେ ପ୍ରଥମ ସାତ ଟି ସ୍ଥାନ ରେ ସ୍ଥାନିତ ହୋଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀ ଓଡିଶା ଆଦର୍ଶ ବିଦ୍ୟାଳୟ ଫଟାମୁଣ୍ଡା ର ବିଶ୍ୱଭୂଷଣ ପାଣ୍ଡିଆ, ବଡ଼କରଲେ ଉଚ୍ଚ ବିଦ୍ୟାଳୟର ପ୍ରିୟାଂଶି ପଧାନ, ତମାମୁରା ଗୋପାଳଜୀ ଉଚ୍ଚ ବିଦ୍ୟାଳୟର ଚନ୍ଦ୍ରିକା ପଧାନ, ସହଲା ଆଦିବାସୀ ପଂଚାୟତ ଉଚ୍ଚ ବିଦ୍ୟାଳୟର ଲକି ମେହେର, ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ରୁମ୍ପା ପଧାନ, ସାହାଜ ବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଭା ସାହୁ, ଓଡିଶା ଆଦର୍ଶ ବିଦ୍ୟାଳୟ ଫଟାମୁଣ୍ଡା ର ଅଖିଳେଶ ଭୋଇଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ସ୍ଥାନୀୟ ବିଜ୍ଞାନ ଶିକ୍ଷକ ସୋମନାଥ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ । ଡୁଙ୍ଗୁରିପାଲି ବ୍ଲକର ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମେଡ଼ିଆ, ସମସ୍ତ ୧୫ଟି କ୍ଲଷ୍ଟରର ସିଆରସିସି, ବିଜ୍ଞାନପ୍ରେମୀ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ସ୍କାଉଟ ଗାଇଡ଼, ରେଡ଼କ୍ରସ, ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସର୍ଗୁଲ ଗ୍ରାମବାସୀଙ୍କ ସହଯୋଗ ଦ୍ୱାରା କାର୍ଯ୍ୟକ୍ରମ ଟି ଅତ୍ୟନ୍ତ ସୁବ୍ୟବସ୍ଥିତ ଢଙ୍ଗରେ ସମାପନ ହୋଇଥିଲା ।




## ମରୁଡି ଘୋଷଣା ଦାବିରେ ତହସିଲ ଅଫିସ ଘେରାଉ

**କୋକସରା,(ନି.ପ୍ର):** କୋକସରା କୃଷକ ସଚେତନ ମଞ୍ଚ ପକ୍ଷରୁ ଶୁକ୍ରବାର ବ୍ଲକର ୨୨ ଗୋଟି ପଞ୍ଚାୟତକୁ ମରୁଡ଼ି ଘୋଷଣା କରିବା ଦାବିରେ ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଛି । କୃଷକ ସଚେତନ ମଞ୍ଚର ସଭାପତି ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଅଞ୍ଚଳର ଚାଷୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହେବାପରେ ସେଠାରୁ ଚାଷୀମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଏବଂ ସେଠାରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଆୟୋଜନ ହୋଇଥିଲା । ସେମାନଙ୍କ ଦାବି ହେଲା ବ୍ଲକର ୨୨ ଗୋଟି ପଞ୍ଚାୟତକୁ ମରୁଡ଼ି ଘୋଷଣା କରିବା ସହ ଜଳକର ଓ ଖଜଣା ସମ୍ପୂର୍ଣ୍ଣ ଛାଡ଼ କରିବା, ସମସ୍ତ କୃଷି ଋଣ ଛାଡ଼, କୃଷି ଋଣକୁ ୫ଲକ୍ଷ ପର୍ଯ୍ୟନ୍ତ ବିନା ସୁଦ୍ଧରେ ଯୋଗାଇ ଦେବା, ସମସ୍ତ ଚାଷୀଙ୍କୁ ଶସ୍ୟ ବୀମା ପ୍ରଦାନ, ଗତବର୍ଷ କିଛି ପଞ୍ଚାୟତକୁ ଶସ୍ୟ ବିମା ପ୍ରଦାନ କରିଥିବାବେଳେ ଅନେକ ଚାଷୀ ଆଜି ପର୍ଯ୍ୟନ୍ତ ଟଙ୍କା ପାଇ ନାହାନ୍ତି, କ୍ଷୁଦ୍ର ଜଳ ସେଚନ ସିଉନୀ ଓ ବେହେରା ଡ୍ୟାମ୍ ର ପୁନଃଉଦ୍ଧାର, ମେଗା ଲିଫ୍ଟ ପଏଣ୍ଟ ଗୁଡ଼ିକ ଉପଯୁକ୍ତ ସ୍ଥାନରେ ସ୍ଥାନିତ ହୋଇ ନ ଥିବାରୁ ଠିକ୍ ଭାବରେ ଚାଷୀ ଜଳସେଚନ କରି ପାରୁ ନାହାଁନ୍ତି, ମେଗା ଲିଫ୍ଟ ମୁଖ୍ୟ କେନାଲରେ ସ୍ୱତନ୍ତ୍ର ଭାବେ ପଏଣ୍ଟ ଗୁଡ଼ିକ କରାଯାଉ ଭଳି ୨୪ ଗୋଟି ପ୍ରମୁଖ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ କୃଷକ ସଚେତନ ମଞ୍ଚର ସଭାପତି ସମେତ ବ୍ଲକ ଅଧକ୍ଷା ରୀତା ଅଗ୍ରଓ୍ୱାଲ, ନୀଳକଣ୍ଠ ପୁଝାରୀ, ପଙ୍କଜମୁଖି ଚୌଧୁରୀ, ପଞ୍ଚକ ପୋଢ଼, ନୀଳକଣ୍ଠ ମାଝୀ, ରବି ଦାସ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ପ୍ରଧାନୀ ବାଗ, ଚିନ୍ତାମଣି ପଟେଲ, ହରେକୃଷ୍ଣ ନାଏକ, ସମିତି ସଭ୍ୟ ଘନଶ୍ୟାମ ନାଏକ, ମାର୍କଣ୍ଡ ବେମାଲ, ଜୟଲାଲ ନାଏକ, ନାରାୟଣ ପଟ୍ଟନାୟକ, ମୁକ୍ତେଶ୍ୱର ନାଏକ, କ୍ଷୀରସିନ୍ଧୁ ବୋଡ଼କିଆ, ହରିଶ୍ଚନ୍ଦ୍ର ନାଏକ, ତିଲୋତ୍ତମା ନାଏକ, କେଶବ ଚନ୍ଦ୍ର ନାଏକ, ଧର୍ମାନନ୍ଦ ନାଏକ, ଦିଶାନ୍ତ ବେଶ୍ରା, ଅରବିନ୍ଦ ପଟ୍ଟନାୟକ, ରାଜ କିଶୋର ସାହୁ ସମେତ ୨୨ ଗୋଟି ପଞ୍ଚାୟତରୁ ଚାଷୀ ମାନେ ସାମିଲ ହୋଇଥିଲେ ।

## ଢେଙ୍କାନାଳ କଲେଜ ଏନ୍ଏସ୍ଏସ୍ ଶାଖା ଦ୍ୱାରା ନୂତନ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ

ଢେଙ୍କାନାଳ, (ନିପ୍ର) : ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ନୂତନ ଭାବେ ଜାତୀୟ ସେବା ଯୋଜନାରେ ଯୋଗଦେଇଥିବା ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ସହ ପରିଚୟକରଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ନୂତନ ପାଠଚକ୍ର କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳ ୧୦ଟାରେ ଜଗତର ନାଥ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ବରିଷ୍ଠ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଲିଟୁ ଦେହୁରୀ ମଂଚ ପରିଚାଳନା, ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ଚାରାଗଛ ଓ ଉତରୀୟ ଦେଇ ସମ୍ମାନିତ କରାଯାଇଥିଲା । ମହାବିଦ୍ୟାଳୟ ଅଧକ୍ଷ ପ୍ର. ଚିତରଞ୍ଜନ ସାହୁ ସଭା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବରେ ଡ଼ଃ ଗିରିଶ ପ୍ରସାଦ ସ୍ୱାଇଁ ଯୋଗଦେଇ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ନେତୃତ୍ୱ, ବ୍ୟକ୍ତିତ୍ୱ ଉନ୍ନତି ଏବଂ ସମାଜସେବା ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଡ଼ଃ ଅମୃତ ସେଠ ଏବଂ ଡ଼ଃ ଭୁପେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼ଃ ସଙ୍ଗୀତ କୁମାର ମହାପାତ୍ର, ଲେଫ୍ଟନାଂଟ୍ ପ୍ରକାଶ କୁମାର ସାହୁ, ଡ଼ଃ ଅଦ୍ୱୈତ ସାହୁ ଏବଂ ଶ୍ରୀମତୀ ବିଦୁଷୀ ମଧୁସ୍ମିତା ଯୋଗଦେଇଥିଲେ । ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ରବର୍ଟ ଉଇଲସନ୍ ଭତ୍ରା ଏନ୍ଏସ୍ଏସ୍ର ଇତିହାସ, ଦୃଷ୍ଟିକୋଣ ଏବଂ ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ । ପରେ ସ୍ୱେଚ୍ଛାସେବୀମାନେ ମଧ୍ୟାହ୍ନ ଭୋଜନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଅନୁପମ ସିଂଙ୍କ ଦ୍ୱାରା ଏନ୍ଏସ୍ଏସର ବାର୍ଷିକ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ପଠନ ଓ ଏନ୍ଏସ୍ଏସ୍ର ପୂର୍ବ କାର୍ଯ୍ୟକ୍ରମର ପ୍ରସ୍ତୁତ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ "ଡିଜିଟାଲ ଆରେଷ୍ଟ" ସମ୍ପର୍କରେ ଏକ କର୍ମଶାଳା ଆୟୋଜିତ ହୋଇଥଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଏକକ ଅଭିନୟକୁ ଆଧାର କରି ଏକ କ୍ରୀଡା ପ୍ରତିଯୋଗୀତା କରାଯାଇଥିଲା । ଶେଷରେ ସମସ୍ତ ଅତିଥି, କାର୍ଯ୍ୟକ୍ରମ ଅଧିକାରୀ ଓ ନୂତନ ଭାବେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ



**ଗୁଣପୁର,(ନି.ପ୍ର):** ସ୍ଥାନୀୟ ବିଦ୍ୟା ନିକେତନ ନିକଟ ଆମ୍ବ ତୋଟା ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୭ ଗୋଟି କଲେଜର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତା ଦଉଡି ଟଣା, ମ୍ୟୁଜିକାଲ୍ ଚେୟାର, ସଂଗୀତ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସାଂଗଠନିକ ସତ୍ରରେ ବିଦ୍ୟାର୍ଥୀ ପରିଷଦ କ'ଣ ତାହା ବୁଝାଇବା, ବିଭିନ୍ନ ଆୟାମ ଓ ଗତିବିଧିର ପରିଚୟ ଦେବା ସହ ଛାତ୍ରଛାତ୍ରୀ ମାନଙ୍କୁ ନିଜ ରୁଚି ଅନୁଯାୟୀ କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଙ୍ଘ ଚାଳକ ନନ୍ଦୀ ଚୌଧୁରୀ, ମୁଖ୍ୟବକ୍ତା ଭାବେ ଦେବବ୍ରତ ଆଚାର୍ଯ୍ୟ, ଜିଲ୍ଲା ପ୍ରମୁଖ ଶେଷସାୟୀ ସେନାପତି, ନଗର ପ୍ରମୁଖ ପ୍ରଫୁଲ୍ଲ ଲିମା କଲେଜ ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଇନ୍ଦ୍ରାକ୍ଷୀ ଦାଶ, ମୁରଲୀ ପଣ୍ଡା, ଦେବବ୍ରତ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଚଳିତ ବର୍ଷ ୨୦୨୪-୨୫ ପାଇଁ ବିଭିନ୍ନ କଲେଜ କ୍ୟାମ୍ପସ୍ ଟିମ୍‌ରେ ଆୟାରାମ୍ମା ମହିଳା ମହାବିଦ୍ୟାଳୟରେ ତୁଳସୀ ଶବର ଓ ଦେବାଞ୍ଜଳୀ ପ୍ରଧାନୀ, ଗୁଣପୁର ମହାବିଦ୍ୟାଳୟରେ ଆଦିତ୍ୟ ପାଢ଼ୀ, ବଂଶଧାରା ମହାବିଦ୍ୟାଳୟରେ ଡନ୍ ଲିମା, ମହର୍ଷି ଗୁରୁକୁଳ ରେ ଆଦିତ୍ୟ ବେହେରା, ଗୁପ୍ତ ମହେଶ୍ୱର ସାହୁ, ଡମ୍ବସରା +୨ରେ ଘାସିନାଥ ଗମାଙ୍ଗ, ଡମ୍ବସରା +୩ ରେ ଶ୍ରୀଧର ଜଟିଆଙ୍କୁ ସଭାପତି ଦାୟିତ୍ୱ ଦିଆଗଲା । ସେହିଭଳି ଗୁଣପୁର ନଗର ଟିମ୍ ନିମନ୍ତେ ଲକ୍ଷ୍ମୀ ମହାଙ୍କୁଡ଼ଙ୍କୁ ସଭାପତି, ପ୍ରଫୁଲ୍ଲ ଶତପଥୀ, ସସ୍ମିତା ବାଉରୀ ଏବଂ ପୁନ୍ୟଶ୍ଲୋକ ସାହୁଙ୍କୁ ନଗର ଉପସଭାପତି, ସାଇ ପାଣିଗ୍ରାହୀଙ୍କୁ ସମ୍ପାଦକ, ପ୍ରିୟବ୍ରତ ରଥଙ୍କୁ ଟେକ୍ନିକାଲ ବିଦ୍ୟାର୍ଥୀ ପ୍ରମୁଖ, ସୁନୀତା ତରାଇଙ୍କୁ ପାଠଚକ୍ର ପ୍ରମୁଖ, ଜିତେନ୍ଦ୍ର ପଣ୍ଡୁ ସାହୁଙ୍କୁ ସେବାର୍ଥେ ବିଦ୍ୟାର୍ଥୀ ପ୍ରମୁଖ, ବୈଶାଳୀ କୋଲାଙ୍କୁ ବିକାଶାର୍ଥେ ବିଦ୍ୟାର୍ଥୀ ପ୍ରମୁଖ, ଗୁପ୍ତେ ମହେଶ୍ୱରଙ୍କୁ ରାଷ୍ଟ୍ରୀୟ କଳା ମଞ୍ଚ ପ୍ରମୁଖ, ସ୍ୱାଗତ ପାଲ୍‌ଙ୍କୁ ଖେଲୋ ଭାରତ ପ୍ରମୁଖ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ, ଜିଲ୍ଲା ପ୍ରମୁଖ ଶେଷଶାୟୀ ସେନାପତି, ସମ୍ପାଦକ ସାଇ ପାଣିଗ୍ରାହୀ, ଉପସଭାପତି ପ୍ରଫୁଲ୍ଲ ଶତପଥୀ, ଦେବାଶିଷ ସେନାପତି, ସ୍ୱାଗତ ପାଲ୍, ପ୍ରିୟ ବ୍ରତ ରଥ, ଏସ୍ ଶିବାଜି, ଜିଲ୍ଲା ସଂଯୋଜକ ବି ସତୀଶ କୁମାର, ବି ରବି କୁମାର, ଶିବ ଡାକୁଆ, ଚନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

## ନିମ୍ନମାଧ୍ୟମିକ ଶିକ୍ଷକ ସଙ୍ଘର ଜିଲ୍ଲା ସାମ୍ବିଧାନିକ ସମ୍ମିଳନୀ



**କେନ୍ଦ୍ରାପଡ଼ା,(ନି.ପ୍ର):** ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଙ୍ଘ କେନ୍ଦ୍ରାପଡ଼ା ଜିଲ୍ଲାଶାଖାର ସାମ୍ବିଧାନିକ ସମ୍ମିଳନୀ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ତରାଣ୍ଡୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂଗଠନର ସଭାପତି ଦୟାନିଧି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସକାଳେ ସଙ୍ଘ ପତାକା ଉତ୍ତୋଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଉଦଘାଟକ ଭାବେ ବରିଷ୍ଠ ଶିକ୍ଷାବିତ୍ ଅବନୀ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ପୁଣ୍ୟାତ୍ମା ବନମାଳୀ ବ୍ରହ୍ମଚାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମ୍ମିଳନୀକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟସଙ୍ଘ ସଭାପତି ବିକ୍ରମ କୁମାର ଦାସ, ମୁଖ୍ୟବକ୍ତା ଭାବେ ରାଜ୍ୟସଙ୍ଘ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ରାଜ୍ୟସଙ୍ଘ ଉପସଭାପତି ଧନେଶ୍ୱର ପାତ୍ର, ରାଜ୍ୟସଙ୍ଘ କୋଷାଧକ୍ଷ ଯୁଧିଷ୍ଠିର ପ୍ରଧାନ, ରାଜ୍ୟସଙ୍ଘ ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ଶିକ୍ଷକ ଦର୍ପଣର ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ଶିକ୍ଷକ ଦର୍ପଣର ସହ-ସମ୍ପାଦକ ସଚ୍ଚିଦାନନ୍ଦ ପରିଡା, ଜିଲ୍ଲାସଙ୍ଘ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ସାହାଣୀ, ଜିଲ୍ଲାସଙ୍ଘ ଉପଦେଷ୍ଟା ବିଜୟ କୁମାର ଜେନା, ଗଗନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ପ୍ରଧାନଶିକ୍ଷକ ରାଧାନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ବ୍ୟବସ୍ଥା ଏବଂ ସଂଗଠନକୁ ସୁଦୃଢ କରିବା ଉପରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ରାଜ୍ୟସଙ୍ଘ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗାମୀ ତିନିବର୍ଷ ପାଇଁ କେନ୍ଦ୍ରାପଡ଼ା ରାଜସ୍ୱ ଜିଲ୍ଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପାଦିତ ହୋଇଥିଲା । ନବ ନିର୍ବାଚିତ କର୍ମକର୍ତ୍ତା ଭାବେ ସଭାପତି କରୁଣାକର ଭଳ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମଲ୍ଲ, ଉପସଭାପତି ପ୍ରଫୁଲ୍ଲ କୁମାର ବାରିକ ଓ ପ୍ରଫୁଲ୍ଲ କୁମାର ପରିଡା, ସମ୍ପାଦକ ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ସ୍ୱାଇଁ, ସହ ସମ୍ପାଦକ ବିଭୁତି ଭୂଷଣ ଦାସ, ଅଧର କୁମାର ଜେନା, ବିମଳ ପ୍ରସାଦ ପଣ୍ଡା ଓ ତରଣୀ ସେନ ଲେଙ୍କା, କୋଷାଧକ୍ଷ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ଭାବେ ଅବନି କୁମାର ମହାନ୍ତି, ବିଜୟ କୁମାର ଜେନା, ଗଗନ ବିହାରୀ ସାହୁ, ରମେଶ ଚନ୍ଦ୍ର ସାହାଣୀ ଓ ଦୟାନିଧି ସ୍ୱାଇଁ ପ୍ରମୁଖ ନିର୍ବାଚିତ କରାଯାଇଥିଲା । ଏହି ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲାର ନଅଗୋଟି ବ୍ଲକର ସଭାପତି, ସମ୍ପାଦକ, ଶିକ୍ଷକ, ଶିକ୍ଷିକାମାନେ ଯୋଗ ଦେଇଥିଲେ । କେନ୍ଦ୍ରାପଡା ବ୍ଲକ ସଙ୍ଘର ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରୋଜ କାନ୍ତ ପାଇଟଲ, ପ୍ରଦୀପ କୁମାର ଲେଙ୍କା, କୈଳାଶ ଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ସାହୁ, ଚକ୍ରଧର ସାମନ୍ତରାୟ, ଗୌରାଙ୍ଗ ଚରଣ ରାଉତ, ଗିରିଧାରୀ ସାହୁ, ପ୍ରଭଞ୍ଜନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବର ପ୍ରସ୍ତୁତି ବୈଠକ



ଉଲୁଣ୍ଡା,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଶ୍ରୀଶ୍ରୀ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସ ସମାଧି ପୀଠ, ବାଘପାଲି ଠାରେ ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ ରାଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ ଟ୍ରଷ୍ଟର ସମ୍ପାଦକ ମକୁନ୍ଦ ଧରୁଆ ଶୋକ ପ୍ରସ୍ତାବ ଆଣିଥିଲେ । ଟ୍ରଷ୍ଟର ସଦସ୍ୟ ବୃନ୍ଦାବନ ବାରିକଙ୍କ ବିୟୋଗରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରାଗଲା । ପରେ ପୂର୍ବ ବୈଠକର ପ୍ରସ୍ତାବ ଗୁଡିକ ସମ୍ପାଦକ ପଠନ କରିଥିଲେ । ଚଳିତ ବର୍ଷ ବକୁଳ ଯାତ୍ରା ମହୋତ୍ସବ ଆସନ୍ତା ତା - ୨୪/୧୨/୨୦୨୪ ରୁ ୩୧/୧୨/୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏ ବର୍ଷ କିଭଳି ଶାନ୍ତି ଶୃଙ୍ଖଳା ଭାବରେ ପାଳନ କରାଯିବ ସେଥିପ୍ରତି ଆଲୋଚନା କରାଗଲା । ଆଲୋଚନା ପୂର୍ବରୁ ପୂର୍ବ ବର୍ଷ ଯାତ୍ରାର ତ୍ରୁଟି ବିଚ୍ୟୁତିକୁ ଆଲୋକପାତ କରିଥିଲେ । ସେହି ତ୍ରୁଟିକୁ କିଭଳି ସମାଧାନ କରାଯିବ ସେଥିପ୍ରତି ଆଲୋଚନା କରାଗଲା । ଏଥି ନିମନ୍ତେ ଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗ ପାଇଁ ଉପ କମିଟୀ ଗଠନ କରାଯିବାକୁ ନିଷ୍ପତ୍ତି ନିଆଗଲା ଯେଭଳି କୌଣସି ବିଭାଗରେ କୌଣସି ପ୍ରକାରର ବ୍ୟତିକ୍ରମ ହେବ ନାହିଁ ସେଥିପ୍ରତି ଦାୟିତ୍ୱ ପ୍ରଦାନ କରାଗଲା । ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଶୃଙ୍ଖଳା ପ୍ରହରୀ ଠେଙ୍ଗୋ ଡେମ ଫାଣ୍ଡି, ହରିହର ଯୋର ଓ ସ୍ୱାସ୍ଥ୍ୟ ବିଭାଗ କୋଟସମଲାଇକୁ ପତ୍ର ମାଧ୍ୟରେ ନିବେଦନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିରେ ରାଜେନ୍ଦ୍ର ପ୍ରସାଦ ପାଢ଼ୀ,ଜାନକୀରାମ ଦେହେରି, ଉତ୍ତର କୁମାର ପାତ୍ର, ନରସିଂହ ପଧାନ, ଲୁପି ମହାକୁର, ଗୁପ୍ତେ ଅମାତ, ରଂଜିତ ଦେହେରି, ସମାରୁ ବଗର୍ତ୍ତୀ, ମାଗି ପଧାନ, ଫଗୁନୁ ପଧାନ, ପୁରନ୍ଦର ଥାଟି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଟ୍ରଷ୍ଟର ସମ୍ପାଦକ ମକୁନ୍ଦ ଧରୁଆ ଧନ୍ୟବାଦ ଦେଇଥିଲେ ।

## ତାରାବେଡାରେ କୁମ୍ଭାରଙ୍କ ପର୍ବ କୁରାଳ ପଞ୍ଚମୀ ଅନୁଷ୍ଠିତ



ଝରିଗାଁ,(ନିପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚଚା ପଞ୍ଚାୟତର ତାରାବେଡ଼ା ଗ୍ରାମରେ କୁମ୍ଭାର ସମାଜ ତରଫରୁ କୁରାଳ ପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଛି । ପୁରାତନରୁ ପ୍ରତେକ ବର୍ଷ ଭଳି ଏ ବର୍ଷ ମଧ ବହୁତ ଆଡମ୍ବରରେ କୁରାଳ ପଞ୍ଚମୀ ପୂଜା ପାଳନ କରାଯାଇଛି । ଏହି ପୂଜାରେ ସାଂସ୍କୃତିକ ନାଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଚା ବିଜେପି ମଣ୍ଡଳ ସଭାପତି ମହେଶ୍ୱର ତିୱାରୀ, ପୂର୍ବତନ ମଣ୍ଡଳ ସଭାପତି ଗୋପୀନାଥ ଗୌଡ଼, ଯୁବ ସମାଜସେବୀ ଭୋଦେବ ଗୌଡ଼, ସୁଦରମାଝୀ, ରାମକୃଷ୍ଣ ସାନ୍ତା ପ୍ରମୁଖ ଯୋଗଦାନ କରିଥିଲେ । ଏହି ପୂଜାର ଆୟୋଜନ ପରିଚାଳନା ନିମନ୍ତେ ପଦୁ ରଣା, ରୁଦ୍ର ରଣା, କୈଳାଶ ରଣା, ନୀଳକଣ୍ଠ ନାୟକ,ଡମ୍ବରୁ ରଣା, ଲଛମନ ରଣା, ମକର୍ସିଂ ରଣା,ସସମଲ୍ ରଣା, ହଳଧର ରଣା, କ୍ଷେତ୍ର ନାୟକ ସମେତ କୁମ୍ଭାର ସମାଜର ସମସ୍ତେ ସହଯୋଗ କରିଥିଲେ ।

## ବସ୍ତା ଅଞ୍ଚଳରେ ବେଧଡକ ଚାଲିଛି ବେଆଇନ ଇଟାଭାଟି



ବସ୍ତା, (ନିପ୍ର): ବାଲେଶ୍ୱର ଜିଲ୍ଲାରେ ଟ୍ରିବ୍ୟୁନାଲ ଓ ପ୍ରଦ୍ୟୁଷଣ ନିୟନ୍ତ୍ରଣ ଆଇନକୁ ଉଲ୍ଲଘଂନ କରି ଶହ ଶହ ସଂଖ୍ୟାରେ ଚାଲିଛି ବେଆଇନ ଇଟାଭାଟି ବ୍ୟବସାୟ । ବସ୍ତା ଅଞ୍ଚଳରେ ବ୍ୟାପକ ଭାବେ ଇଟାଭାଟି ବ୍ୟବସାୟ ଚାଲୁଥିବା ବେଳେ କିଛି ଅସାଧୁ ପ୍ରଶାସନିକ ଅଧିକାରୀ ଇଟାଭାଟି ମାଫିଆଙ୍କ ସହ ସଲାସୁତୁରା କରି କାର୍ଯ୍ୟାନୁଷ୍ଠାନ ବଦଳରେ ନୀରବ ରହୁଥିବା ଅଭିଯୋଗ ହୋଇଛି । ଜିଲ୍ଲାରେ ସର୍ବାଧିକ ବେଆଇନ ଖୋଲା ଓ ଚିମିନି ଇଟାଭାଟି ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ଅଞ୍ଚଳରେ ଦେଖିବାକୁ ମିଳୁଥିବା ବେଳେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଅଭାବରୁ ଅଞ୍ଚଳ ମାନଙ୍କରେ ପ୍ରଦୂଷଣ ସୀମା ବଢିବାରେ ଲାଗିଛି । ପ୍ରଦୂଷଣ ଯୋଗୁଁ ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି । ପୁଣି ଇଟା ଭାଟି ମାନଙ୍କ ରେ ବାହାର ରାଜ୍ୟ ତଥା ପାଖ ଆଖ ଅଞ୍ଚଳ ର ଗରିବ ଆଦିବାସୀ ଲୋକ ମାନେ କାମ କରୁଥିବା ବେଳେ, ଅନେକ ସ୍ଥାନ ରେ ଛୋଟ ଛୋଟ ନାବାଳକ ମାନେ ଅର୍ଥାଭାବ ରୁ ପାଠ ପଢା ଛାଡ଼ି କାମ କରୁଛନ୍ତି । ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ଶହ ଶହ ସଂଖ୍ୟାରେ ଖୋଲା ଇଟାର ପସରା ମେଲାଇଥିବା ଦେଖିବାକୁ ମିଳୁଥିବା ବେଳେ ଗରିବ ଆଦିବାସୀ ଶ୍ରେଣୀ ର ପିଲାମାନେ ଉଚିତ୍ ଶିକ୍ଷା ପାଇବା ରୁ ବଞ୍ଚିତ ହେଉଛନ୍ତି । ଅନେକ ସମୟ ରେ ନାଲି ଇଟା ବେପାର କରୁଥିବା ମାଫିଆ ମନେ ଜୋରଜବରଦସ୍ତ ଗରିବ ଲୋକ ମାନଙ୍କୁ ବିଭିନ୍ନ ଧମକ ଦେଇ ମାଟି ଓ ବାଲି ପରିବହନ କରୁଛନ୍ତି । ଏହାକୁ ନେଇ ଅନେକ ଅଭିଯୋଗ ହେଉଥିବା ବେଳେ ବହୁ ମୁଷ୍ଟିମେୟ ଲୋକ ସମସ୍ୟା କୁ ଚପାଇ ଦେଇଥାନ୍ତି । ତେବେ ପୂର୍ବାଞ୍ଚଳ ଜାତୀୟ ସବୁଜ ପ୍ରାଧିକରଣ କେଶ ସଂଖ୍ୟା ଓ ଏ ନଂ ୧୧୧/୨୦୧୫ର ରାୟ ଅନୁଯାୟୀ ବିନା ପଞ୍ଜିକରଣ ରେ କାର୍ଯ୍ୟ କରୁଥିବା ନାଲି ଇଟାଭାଟି ଗୁଡ଼ିକ ନିକଟରୁ ଦେଢ ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ କିଛି ଦୁର୍ନୀତି ଗସ୍ତ କର୍ମଚାରୀଙ୍କ ପାଇଁ ଏହି ନିୟମ କାର୍ଯ୍ୟକାରୀ ହୋଇପାରୁ ନଥିବା ସାଧାରଣ ଅଭିଯୋଗରୁ ଜଣାପଡ଼ିଛି । ଏଣୁ ବେଆଇନ ଇଟାଭାଟି ପ୍ରତି ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି । ଏନେଇ ବସ୍ତା ତହସିଲଦାରଙ୍କୁ ପଚାରିବାରୁ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ତିହିଡ଼ି ବ୍ଲକ ବରିଷ୍ଠନାଗରିକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ



ତିହିଡ଼ି,(ନିପ୍ର): ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଙ୍ଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ବ୍ଲକ ସମ୍ପାଦକ ବିଭୂତିଭୂଷଣ ସେନାପତିଙ୍କ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ଉଦାସୀନତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ୨୦୨୦ ମସିହାରୁ ଗଠିତ ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘର ପାଞ୍ଚ ବର୍ଷ ପୂର୍ତ୍ତି ହେବା ଫଳରେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳୀରେ ତିହିଡ଼ି ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ପଣ୍ଡିତ ଦୈତ୍ୟାରୀ ମହାପାତ୍ର, ଜନସେବୀ ସରେନ୍ଦ୍ର କୁମାର ନାୟକ, ରଘୁନାଥ ପାତ୍ର ଓ ଦୀନବଂଧୁ ପତି ପ୍ରମୁଖଙ୍କ ମନୋନିତ ହୋଇଥିଲେ । ସେହିପରି ସଭାପତି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ପାଢୀ, କାର୍ଯ୍ୟକାରୀ ସଭାପତି ସେବାନିବୃତ ସାମରିକ ଅଧିକାରୀଓ ଧନେଶ୍ୱର ବିଶ୍ୱାଳ, ଉପସଭାପତି ଇଂ. ମହେଶପ୍ରସାଦ ଦାସ, ସାଧାରଣ ସଂପାଦକ ସ୍ତମ୍ଭକାର ବିଭୂତିଭୂଷଣ ସେନାପତି, ସହ ସମ୍ପାଦକ କବି ସନ୍ୟାସୀ ଚରଣ ବ୍ରହ୍ମ, ସଂଗଠନ ସଂପାଦକ ସମାଜସେବୀ ଜଗନ୍ନାଥ ନାୟକ ଓ ଗୟାଧର ବଳ, କୋଷାଧ୍ୟକ୍ଷ ଭାବେ କୃତ୍ତିବାସ ଜେନା ମନୋନିତ ହୋଇଛନ୍ତି । କାର୍ଯ୍ୟକାରିଣୀରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମଲ୍ଲିକ, ପି.ହୃଷିକେଶ, ମଥୁରୀମୋହନ ବେହେରା, ରବୀନ୍ଦ୍ର କୁମାର ଦାସ, ବଳରାମ ସେନାପତି, ହରିଶ୍ଚନ୍ଦ୍ର ବାରିକ, ନରହରି ନାୟକ, ଅକ୍ଷୟକୁମାର ବ୍ରହ୍ମ, ବିଷ୍ଣୁ କୁମାର ସାହୁ, ଶୀତଳ କୁମାର ବେହେରା ଏବଂ ରାଜକିଶୋର ମାଝୀଙ୍କୁ ସର୍ବସମ୍ମତି ଭାବେ ମନୋନୟନ କରାଗଲା । ଆସନ୍ତା ବାର୍ଷିକ ଉତ୍ସବ ଫେବୃଆରୀ ତୃତୀୟ ସପ୍ତାହରେ କରିବା ପାଇଁ ମତପ୍ରକାଶ ପାଇଥିଲା ଓ ପୂର୍ବବର୍ଷପରି ସଂଘର ମୁଖପତ୍ର 'ବର୍ଷୀୟାନ' ସେହିଦିନ ଲୋକାର୍ପିତ କରିବା ପାଇଁ ସ୍ଥିର କରାଗଲା । ସର୍ବ ଶେଷରେ ନତ୍ୟାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୭ ନମ୍ବର ଜୋନ ବିଜେପିର ମିଶ୍ରଣ ପର୍ବ ଓ ବୁଥ କମିଟି ଗଠିତ

ଦଶରଥପୁର, (ନିପ୍ର): ଦଶରଥପୁର ବ୍ଲକସ୍ଥ ୭ ନମ୍ବର ଜୋନରେ ବିଜେପିର ବୁଥ କମିଟି ଗଠନ ଓ ବୁଥ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଥାଲକୁଡି ପଂଚାୟତର ଧନୀପୁର ସ୍କୁଲରେ ଅବସ୍ଥିତ ଦୁଇଟି ବୁଥ ଯଥାକ୍ରମେ ୧୯୩ ବୁଥରେ ନିରଞ୍ଜନ ନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ୧୯୪ ବୁଥରେ ରବୀନ୍ଦ୍ର କୁମାର ନାୟକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ।ନିର୍ବାଚନ ପରେ ପରେ ୭ ନମ୍ବର ଜୋନର ମଣ୍ଡଳ ସଭାପତି ଶଷଧର ବେହୁରିଆଙ୍କ ନେତୃତ୍ୱରେ ବିଜେପିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଶ୍ରଣ ପର୍ବରେ ବିଷ୍ଣୁ ଚରଣ ଦାସ, ପୁରସ୍ତମ ସାମଲ, ସେକ ଅବଦୁଲ କାଦିର, କାର୍ତିକ ଦାସ, ନୃସିଂହ ଦାସ, ସେକ ଅନସୂବିନ ପ୍ରମୁଖ ଅନ୍ୟ ଦଳ ଛାଡି ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ । ଉକ୍ତ ମିଶ୍ରଣ ପର୍ବରେ ମଣ୍ଡଳ ସଭାପତିଙ୍କ ସହ ପ୍ରତାପ ପଣ୍ଡା,ବୁଥ ସଭାପତି ସୁରେଶ ରାୟ ଉପସ୍ଥିତ ଥିଲେ । ନୂତନ କର୍ମୀ ମାନଙ୍କ ମିଶ୍ରଣ ପରେ ଥାଲକୁଡି ପଞ୍ଚାୟତରେ ବିଜେପିର ଶକ୍ତି ବୃଦ୍ଧି ହେବ ବୋଲି ମଣ୍ଡଳ ସଭାପତି ଶଷଧର ବେହୁରିଆ ପ୍ରକାଶ କରିଛନ୍ତି ।

## ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

### ବିଭିନ୍ନ ୬୧ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ




ସୁବର୍ଣ୍ଣପୁର,(ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୯ ଗୋଟି ଗ୍ରହଣ କରାଯାଇଥିବା ବେଳେ ୨୨ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି ଏବଂ ଶିବିରରେ ୦୨ଗୋଟି ର ସମାଧାନ କରାଯାଇଛି । ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡ଼ିଓ କରିସ୍ମା ବେସ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟଧିକାରୀ ଡା. ପ୍ରଦୀପ କୁମାର ଗୁରୁ , ଅଧିକ୍ଷଣ ଯନ୍ତ୍ରୀ ପି ଡବ୍ଲୁ ଡି ଇଂ ଦାମୋଦର କୈବର୍ତ୍ତ, ଆର ଡବ୍ଲୁ ଏସ ଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ,ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ,ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ , ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ତହସିଲଦାର ଉଲୁଣ୍ଡା ପ୍ରଶାନ୍ତ ମହାରଣା ଙ୍କ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ , ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

## ଉଲୁଣ୍ଡା ବ୍ଲକରେ ପଏଁରୀ ତିହାର ସାଂସ୍କୃତିକ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର,(ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ହିକୁଡି ଗ୍ରାମରେ ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ବ୍ଲକସ୍ତରୀୟ ପଏଁରୀ ତିହାର ଧୁମାଧାମରେ ପାଳନ କରାଯାଇଛି । ଉଲୁଣ୍ଡା ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି ଶ୍ରୀ ଶ୍ୟାମ ସୁନ୍ଦର ସୁନାଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା ଅନୁଷ୍ଠିତ ହୋଇଥିଲା ହିକୁଡିଠାରେ । ଗାଁ ଗାଁ ରେ ଲୁକି ଯାଉଥିବା ଲୋକକଳା ଓ କଳାକାର ମାନଙ୍କୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ପଏଁରୀ ତିହାର (ପାରମ୍ପରିକ ଲୋକନୃତ୍ୟ ଓ ସଂଗୀତ ଉତ୍ସବ) ମଂଚରେ ସ୍ଥାନ ଦେଇ ତାଙ୍କର କଳା ପରିବେଷଣ କରି ଉତ୍ସାହିତ କରିବା ହେଉଛି ଏହି ତିହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ସଂପାଦକ ତଥା ଲୋକକଳା ଗବେଷକ, ନୃତ୍ୟ ନିର୍ଦ୍ଦେଶକ ଶ୍ରୀ ଚୌଧୁରୀ ବିଭାର ସୂଚନା ପ୍ରଦାନ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଶ୍ରୀ ହରିହର କର୍ଣ୍ଣ, ପୂର୍ବତନ ସରପଞ୍ଚ, ସଭାପତି ଶ୍ରୀ ଲଡୁକିଶୋର ମଲ୍ଲିକ,ଶ୍ରୀମତୀ ରଂଜିତା ଭୋଇ, ପୂର୍ବତନ ସରପଞ୍ଚ, ଦଣ୍ଡରନ୍ ବିପିନ ଜାଲ, ଶ୍ରୀମତୀ ବାସନ୍ତୀ ମହାନନ୍ଦ, ଆମ୍ବେଦକର ସେବା ସଭ୍ୟ, ଉପ ସଭାପତି ଶ୍ରୀ ପ୍ରଫୁଲ୍ଲ ନାଏକ, ସହ-ସଂପାଦକ ପୃଥିରାଜ ବାଗ, କାର୍ଯ୍ୟକାରୀ ସଭ୍ୟ ସୌମ୍ୟରଞ୍ଜନ ସେଠି, ବରିଷ୍ଠ ସଦସ୍ୟ ଗୋପାଳ ମେହେର ଉପସ୍ଥିତ ଥିଲେ । ଅନୁଷ୍ଠାନର ତରଫରୁ ଶ୍ରୀ ଶ୍ୟାମ ସୁନ୍ଦର ସୁନାଙ୍କୁ "ପଏଁରି କଳା ସମ୍ମାନ"ରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାର ପଏଁରୀ ତିହାରର ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ଏହି ତିହାରରେ ବ୍ଲକ ର ଶତାଧିକ କଳାକାର ସାମିଲ ହେଇ ଲୁକି ଯାଇଥିବା କଳା ଶୋଳ ସୁଆଙ୍ଗ ଦଣ୍ଡ ନୃତ୍ୟ, ସଂଚାର, ସଂପ୍ରଦା, ଖଜନୀ, କରମସାନି, ପ୍ରଭା ନୃତ୍ୟ, ନଚନିଆଁ, ଶବର ଶବରନି, ପତର ସଉରା, ଝୁମେର, ରାସରକେଳି, କୀର୍ତ୍ତନ ନୃତ୍ୟ ଆଦି ସୁନ୍ଦର ଭାବରେ ପରିବେଷଣ କରିଥିଲେ ।



ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ବାୟରୁ

**ପ୍ୟାରିସ୍, ୧୪।୧୨ (ଏଜେନ୍ସି):** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଶୁକ୍ରବାର ୭୩ ବର୍ଷୀୟ ଫ୍ରାଙ୍କୋଇସ୍ ବାୟରୁଙ୍କୁ ନୂଆ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଫ୍ରାନ୍ସରେ ଗତ ୬ ମାସରେ ଦ୍ୱିତୀୟ ବଡ଼ ରାଜନୈତିକ ସଙ୍କଟ ଭିତରେ ଫ୍ରାଙ୍କୋଇସ୍ ଚଳିତ ବର୍ଷ ଦେଶର ଚତୁର୍ଥ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଗତ ସପ୍ତାହରେ ଫ୍ରାନ୍ସ ସଂସଦରେ ଅନାସ୍ଥା ପ୍ରସ୍ତାବରେ ହାରିବା ପରେ ଦକ୍ଷିଣପନ୍ଥୀ ନେତା ମିଶେଲ ବର୍ନିୟରଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟିବାକୁ ପଡ଼ିଥିଲା । ସେଣ୍ଟ୍ରିଷ୍ଟ ନେତା ଫ୍ରାଙ୍କୋଇସ୍ ଦକ୍ଷିଣ-ପଶ୍ଚିମ ଫ୍ରାନ୍ସର ପ୍ରମୁଖ ନେତାଙ୍କ ମଧ୍ୟରୁ ଅନ୍ୟତମ । ସେ ଫ୍ରାନ୍ସର ଶିକ୍ଷାମନ୍ତ୍ରୀ ସହ ଦକ୍ଷିଣ-ପଶ୍ଚିମ ଫ୍ରାନ୍ସର ପଉ ସହରର ମେୟର ମଧ୍ୟ ରହିଥିଲେ । ୨୦୧୭ରେ ରାଷ୍ଟ୍ରପତି ମାକ୍ରନଙ୍କ ବିଜୟ ପରଠାରୁ ସେ ମାକ୍ରନ୍ଙ୍କ ବେଶ୍ ନିକଟତର ସହଯୋଗୀ ରହିଛନ୍ତି । ଏବେ ଫ୍ରାଙ୍କୋଇସ୍ଙ୍କ ଆଗରେ ବଡ଼ ଚ୍ୟାଲେଞ୍ଜ ହେଉଛି ୨୨୦୪ ବଜେଟ ଲାଗୁ କରିବା ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ପଡ଼ିବ । ଏହି ଆଇନ ଉପରେ ପୁଣି ଶାସକ-ବିରୋଧୀ ମୁହାଁମୁହିଁ ହେବେ । ଏହି ବିଲ୍କୁ ନେଇ ମିଶେଲ ବର୍ନିୟରଙ୍କ ପ୍ରଧାନମନ୍ତ୍ରୀ ପଦ ଯାଇଥିଲା ।

# ଭୟଙ୍କର ମରୁଡ଼ିର ସାମନା କରିବ ବିଶ୍ୱ

**ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ବଦଳୁଛି ଜଳବାୟୁ । କମୁଛି ଆୟୁଷ । ଏବେଠୁ ସଜାଗ ନ ହେଲେ, ଆଗକୁ ମାଡ଼ିଆସୁଛି ଭୟଙ୍କର ବିପଦ । ମିଳିତ ଜାତିସଂଘ ସମ୍ମିଳନୀରେ ଚିନ୍ତାଜନକ ରିପୋର୍ଟ । ମାତ୍ର, ତିନି ଦଶନ୍ଧିରେ ପୃଥିବୀର ୭୭ପ୍ରତିଶତ ଭାଗରେ ଶୁଷ୍କ ଜଳବାୟୁ । ୪୦ପ୍ରତିଶତରୁ ଅଧିକ ଅଞ୍ଚଳ ଟାଙ୍ଗରା, ଆଗକୁ ଘୋର ମରୁଡ଼ିର ସାମନା କରିବ ବିଶ୍ୱ । ଗତ ୩୦ ବର୍ଷ ମଧ୍ୟରେ ପୃଥିବୀର ୭୭ ପ୍ରତିଶତରୁ ଅଧିକାଂଶ ଅଞ୍ଚଳରେ ଜଳବାୟୁ ଶୁଷ୍କ ହୋଇଯାଇଛି । ଏହି ସମୟ ମଧ୍ୟରେ ବିଶ୍ୱର ଶୁଖିଲା ସ୍ଥାନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ପୃଥିବୀର ୪୦ ପ୍ରତିଶତରୁ ଅଧିକ ଟାଙ୍ଗରା ଭୂମିରେ ପରିଣତ ହୋଇଛି । ସାଉଦି ଆରବର ରିୟାଦରେ ଚାଲିଥିବା ୧୬ତମ ମିଳିତ ଜାତିସଂଘ ସମ୍ମିଳନୀରେ ସୋମବାର ପ୍ରକାଶ ପାଇଛି ଏହି ରିପୋର୍ଟରେ । ରିପୋର୍ଟ ଅନୁସାରେ, ବିଶ୍ୱରେ ପାଣି ନଥିବା ଅର୍ଥାତ୍ ଶୁଷ୍କ ଅଞ୍ଚଳ ପ୍ରାୟ ୪୩ ଲକ୍ଷ ବର୍ଗ କିଲୋମିଟର ବୃଦ୍ଧି ପାଇଛି । ଏହି କ୍ଷେତ୍ର ଭାରତର ଆକାରଠାରୁ ପ୍ରାୟ ଏକ ତୃତୀୟାଂଶ ବଡ଼ । ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ଭବିଷ୍ୟତରେ ଯଦି ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ନିୟନ୍ତ୍ରିତ ନହୁଏ, ତେବେ ଚଳିତ



ଶତାବ୍ଦୀର ଶେଷ ସୁଦ୍ଧା ପୃଥିବୀର ତିନି ପ୍ରତିଶତ ଆର୍ଦ୍ର ଅଞ୍ଚଳ ଶୁଷ୍କ ଅଞ୍ଚଳରେ ପରିଣତ ହେବ । ରିପୋର୍ଟ ଅନୁସାରେ, ଗତ ତିନି ଦଶନ୍ଧି ମଧ୍ୟରେ ଶୁଖିଲା ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇ ୨.୩ ବିଲିୟନରେ ପହଞ୍ଚିଛି । ୨୧୦୦ ମସିହା ସୁଦ୍ଧା ଏହା ୫ ବିଲିୟନରେ ପହଞ୍ଚିପାରେ । ସବୁଠାରୁ ଅଧିକ ଜନବହୁଳ ଶୁଷ୍କ ଅଞ୍ଚଳରେ ରହିଛି କାଲିଫର୍ଣ୍ଣିଆ, ଇଜିପ୍ଟ, ପାକିସ୍ତାନର କିଛି ଅଂଶ ଉତ୍ତର-ପୂର୍ବ ଚୀନ୍ । ଏହି ଶୁଷ୍କ ଅଞ୍ଚଳ ତାଲିକାରେ ଭାରତ ବି ସାମିଲ । ମରୁଡ଼ି ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବା ଅଞ୍ଚଳରେ ୟୁରୋପର ୯୬ ପ୍ରତିଶତ, ପଶ୍ଚିମ ଆମେରିକା, ବ୍ରାଜିଲ, ଏସିଆ ଏବଂ ମଧ୍ୟ ଆଫ୍ରିକାର କିଛି ଅଂଶ ସାମିଲ । ବୃହତ୍ତମ ଜମି ଦକ୍ଷିଣ ସୁଦାନ ଏବଂ ତାଞ୍ଜାନିଆର କେତେକ ଅଞ୍ଚଳ ଟାଙ୍ଗରା ମରୁଭୂମିରେ ପରିଣତ ହୋଇଥିବାବେଳେ ଚୀନର ବୃହତ୍ତମ ଜମି ଶୁଷ୍କ ପଡ଼ିଯାଇଛି । ଶୁଷ୍କ ଅଞ୍ଚଳରେ ବାସ କରୁଥିବା ପ୍ରାୟ ଅଧା ଲୋକ ଏସିଆ ଓ ଆଫ୍ରିକା ବାସିନ୍ଦା । ରିପୋର୍ଟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନରୁ ବୃଦ୍ଧି ପାଉଛି ଶୁଷ୍କତା ଏବଂ ମରୁଭୂମି ଯ ଯାହାର ପ୍ରଭାବ କୋଟି କୋଟି ଲୋକଙ୍କ ଜୀବନ-ଜୀବିକା ଉପରେ ଗୁରୁତର ପ୍ରଭାବ ପକାଇବ । ୟୁଏନସିସିଡିର କାର୍ଯ୍ୟକାରୀ ସଚିବ ଇବ୍ରାହିମ୍ ଥିଓ କହିଛନ୍ତି, ପ୍ରଥମ ଥର ପାଇଁ ବୈଜ୍ଞାନିକମାନେ ଏଭଳି ସଙ୍କଟ ନେଇ ରିପୋର୍ଟ ଦେଇଛନ୍ତି । ବିଶ୍ୱ ଆଗକୁ ସାମନା କରିବାକୁ ଯାଉଥିବା ଏହି ମରୁଡ଼ିର ଶେଷ ହୋଇପାରେ, କିନ୍ତୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆଗକୁ କେତେ ଯେ ଭୟଙ୍କର ହୋଇପାରେ ତାହା କଳ୍ପନା ବାହାରେ ।

# ଆର୍ଥିକ ସଂକଟରେ ପାକିସ୍ତାନ

**ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ପାକିସ୍ତାନର ସରକାରୀ ଏୟାର ଲାଇନର ହାଲ୍ ବେହାଲ ହୋଇପଡ଼ିଛି । ଯନ୍ତ୍ରାଂଶ ଏବଂ ଅନ୍ୟ ଉପକରଣର ଅଭାବ ଯୋଗୁଁ ଏବେ ପାକିସ୍ତାନ ଇଣ୍ଟରନ୍ୟାସନାଲ୍ ଏୟାର ଲାଇନ୍ସ (ପିଆଇଏ) ବନ୍ଦ ହେବାକୁ ବସିଲାଣି । ମୋଟ ୩୪ ବିମାନରୁ ୧୭ଟି ଏବେ ଉଡ଼ାଣ ଭରିବାକୁ ସକ୍ଷମ ନାହିଁ । ବର୍ତ୍ତମାନ ଏୟାର ଲାଇନର ୧୨ଟି ୭୭୭ ବୋଇଂ ବିମାନ ମଧ୍ୟରୁ ୭ଟି ବିମାନ ଏୟାରପୋର୍ଟରେ ହିଁ ଛିଡ଼ା ହୋଇଛି । ପିଆଇଏ ପାଖରେ ଥିବା ୧୭ଟି ଏୟାରବସ୍ ଏ ୩୨୦ ବିମାନ ମଧ୍ୟରୁ ୭ଟି କାର୍ଯ୍ୟକ୍ଷମ ଅବସ୍ଥାରେ ନଥିବା ଜଣାପଡ଼ିଛି । ଏପରିକି ପିଆଇଏର ଛୋଟ ବିମାନଗୁଡ଼ିକର ମଧ୍ୟ ଅବସ୍ଥା ସମାନ । ୫ ଛୋଟ ବିମାନ ମଧ୍ୟରୁ କେବଳ ଦୁଇଟି ବିମାନ ଉଡ଼ାଣ ଭରିପାରୁଛି । ଉଡ଼ାଣ ଭରିବାକୁ ସକ୍ଷମ ନଥିବା ବିମାନରେ ଇଞ୍ଜିନ, ଲ୍ୟାଣ୍ଡିଂ ଗିୟର, ଏପିୟୁ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଅଚଳ ହୋଇପଡ଼ିଛି । ଏୟାର ଲାଇନ୍ କର୍ତ୍ତୃପକ୍ଷଙ୍କ ପାଖରୁ ମିଳିଥିବା ସୂଚନା ଅନୁସାରେ, ଆର୍ଥିକ ଦୂରାବସ୍ଥା ଏବଂ ସମ୍ପର୍କିତ ମନ୍ତ୍ରାଳୟ ପାଖରୁ ଉଚିତ ମଞ୍ଜୁରି ନମିଳିବା ଯୋଗୁଁ ପିଆଇଏର ଅବସ୍ଥା ସଙ୍ଗୀନ ହୋଇପଡ଼ିଛି । ରାଷ୍ଟ୍ରୀୟ ଏୟାର ଲାଇନର ପରିଚାଳନା କ୍ଷମତା ଗୁରୁତର ଭାବରେ ପ୍ରଭାବିତ ହୋଇଛି । ଏଭଳି ସ୍ଥିତିରେ ଦୀର୍ଘ ୪ ବର୍ଷର ପ୍ରତିବନ୍ଧକ ପରେ ଜାନୁଆରୀ ୧୦ରେ ୟୁରୋପ ଉଡ଼ିବାକୁ ପ୍ରସ୍ତୁତ ହେଉଥିବା ପିଆଇଏ ଲାଗି ଏହା ବଡ଼ ଆହ୍ୱାନ ପାଲଟିଛି । ଯଦି ସ୍ଥିତି ଏଭଳି ଜାରି ରହେ ତେବେ ୟୁରୋପ ଲାଗି ବିମାନ ଉଡ଼ାଣ ପାଇଁ ଆହୁରି ବିଳମ୍ବ ହୋଇପାରେ । ସେପଟେ ପିଆଇଏ ସଂପୂର୍ଣ୍ଣ ଘରୋଇକରଣ ହେବାର ସମ୍ଭାବନା ପ୍ରତି ମଧ୍ୟ ବିପଦ ଘନେଇଛି । ପିଆଇଏର ୬୦ ପ୍ରତିଶତ ଅଂଶଧନ ଘରୋଇ କମ୍ପାନୀକୁ ବିକ୍ରି କରିବାକୁ ଯୋଜନା କରୁଛନ୍ତି ପାକିସ୍ତାନ ସରକାର । ସବୁଠୁ ବଡ଼ କଥା ହେଉଛି, ଘରୋଇ ସଂସ୍ଥା ପିଆଇଏରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ୬୦ ପ୍ରତିଶତ ଅଂଶଧନ ଲାଗି କମ୍ପାନୀ କେବଳ ୧୦ ବିଲିୟନ୍ ପାକିସ୍ତାନ ଟଙ୍କା ଦେବାକୁ ରାଜି ଥିବା କୁହାଯାଉଛି । ହେଲେ ଏଥିରେ ସରକାର ଖୁସି ନଥିବା ବେଳେ ପୁଣି ଥରେ ନିଲାମ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ।

## ବଙ୍ଗଳାରେ ଅନେକ ଅଂଚଳରେ ତାପମାତ୍ରା ୧୦ ଡିଗ୍ରୀ ତଳେ

**କୋଲକାତା, ୧୪।୧୨ (ଏଜେନ୍ସି):** ଡିସେମ୍ବର ଦ୍ୱିତୀୟ ସପ୍ତାହରେ ବଙ୍ଗଳାରେ ପ୍ରବଳ ଥଣ୍ଡା ଅନୁଭୁତ ହେଉଛି ।ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ପହଁଚିଛି ।ଅଲୀପୁର ପାଣିପାଗ ବିଭାଗ ଶନିବାର ସୁଚନା ଦେଇଛନ୍ତି ଯେ ରବିବାର ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ଜାରି ରହିବ ।ପଶ୍ଚିମବଙ୍ଗର ସାତୋଟି ଜିଲ୍ଲାରେ ଶୀତଲହର ସମ୍ଭାବନା ରହିଛି ।ତେବେ ବଙ୍ଗଳାର ଖାଡୀରେ ନିମ୍ନଚାପ ସୃଷ୍ଟି ହେତୁ ଏହି ଥଣ୍ଡା ପ୍ରଭାବିତ ହୋଇପାରେ ।

ପାଣିପାଗ ବିଭାଗ କହିଛି ଯେ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ସାଇକ୍ଲୋନିକ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହା ଦକ୍ଷିଣ ବଙ୍ଗଳାର ଖାଡୀରେ ନିମ୍ନ ଚାପର ରୂପ ନେଇପାରେ ।ଏହି ନିମ୍ନ ଚାପର ଧାରା ତାମିଲନାଡୁ ଉପକୂଳବର୍ତ୍ତୀ ଆଡକୁ ରହିବ ।ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଯେ କଣ ଡିସେମ୍ବର ମଧ୍ୟଭାଗରେ ଥଣ୍ଡା କମ ହେବ ?କୋଲକାତାରେ ଏହି ସମୟରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ତଳେ ରହିଛି ।ଶନିବାର ଦିନ ମହାନଗରର ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବାବେଳେ ସର୍ବାଧିକ ତାପମାତ୍ରା ୨୪.୩ ଡିଗ୍ରୀ ସେଲସିୟସ ଥିଲା ।

# 'ଏକଲବ୍ୟଙ୍କ ଭଳି ଯୁବପିଢିଙ୍କ ଆଙ୍ଗୁଠି କାଟି ଦେଉଛନ୍ତି ସରକାର'

**ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ଲୋକସଭାରେ ବିରୋଧି ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସମ୍ବିଧାନ ଉପରେ ଚର୍ଚ୍ଚାରେ ଭାଗ ନେଇଛନ୍ତି । ରାହୁଲ କହିଛନ୍ତି ଯେତେବେଳେ ଆମ୍ଭେ ସମ୍ବିଧାନ ଖୋଲୁ ସେଥିରେ ଭୀମରାଓ ଆମ୍ବେଦକର, ମହାତ୍ମା ଗାନ୍ଧୀ ଓ ପଣ୍ଡିତ ଜବାହାରଲାଲ ନେହରୁଙ୍କ ବିଚାରଧାରା ଶୁଣାଯାଏ । ସମ୍ବିଧାନରେ ଆମ ଐତିହର ଝଲକ ଦେଖିବାକୁ ମିଳେ । ଭାରତର ସମ୍ବିଧାନ କେବଳ ଏକ ଆଇନର ଦସ୍ତାବିଜ ନୁହେଁ । ଏହା ଆମ ଦେଶର ଆତ୍ମା । ଏଥିରେ ପ୍ରତ୍ୟେକ ନାଗରିକଙ୍କ ଅଧିକାର କର୍ତ୍ତବ୍ୟ ଓ ଦେଶ ପ୍ରତି ଦାୟିତ୍ୱର ବିବରଣୀ ଦିଆଯାଇଛି । ଏହା ଆମକୁ ସମାନତା, ସ୍ୱତନ୍ତ୍ରତା ଓ ଭାଇଚାରାର ଭାବନା ଶିଖାଇଥାଏ ।' ଏହି ସମୟରେ ରାହୁଲ ଲୋକସଭାରେ ମନୁସ୍ମୃତି ନେଇ ପହଁଞ୍ଚିଥିଲେ । ତାଙ୍କର ଗୋଟିଏ ହାତରେ ସମ୍ବିଧାନ ଥିବା ବେଳେ ଅନ୍ୟଟିରେ ଥିଲା ମନୁସ୍ମୃତି । ଲୋକସଭାରେ ରାହୁଲ ଭାରତର



ସମ୍ବିଧାନକୁ ଭାରତର 'ଭାରତ ମାତା'ଙ୍କର ଦସ୍ତାବିଜ ବୋଲି କହିଚନ୍ତି । ସମ୍ବିଧାନ ଆଧୁନିକ ଭାରତର ଦସ୍ତାବିଜ, କିନ୍ତୁ ଏହାକୁ ପ୍ରାଚୀନ ଭାରତ ଓ ଏହାର ବିଚାର ବିନା କେବେ ବି ଲେଖି ହେବନି । ଏହି ସମୟରେ ସେ ବିଜେପିକୁ ଟାର୍ଗେଟ କରିଥିଲେ । କହିଥିଲେ, ଯେଉଁଭଳି ଏକଲବ୍ୟ ନିଜର ଆଙ୍ଗୁଠି କାଟିଥିଲେ, ସେଭଳି ଆଜି ସରକାର ଦେଶର ଯୁବପିଢିଙ୍କ ଆଙ୍ଗୁଠି କାଟୁଛି । ରାହୁଲ କହିଛନ୍ତି, ଯେତେବେଳେ ଆପଣ ଜଣେ ଉଦ୍ୟୋଗପତିଙ୍କୁ ଧାରାଭି ପ୍ରୋଜେକ୍ଟ ,ବନ୍ଦର ଓ ବିମାନବନ୍ଦରକୁ ଦେଉଛନ୍ତି ତେବେ ଆପଣ ଭାରତର ଆଙ୍ଗୁଠି କାଟୁଛନ୍ତି ।' ବିନାୟକ ଦାମୋଦର ସାଭରକର ସମ୍ବିଧାନକୁ ନେଇ କହିଥିଲେ ଏଥିରେ ସବୁଠାରୁ ଖରାପ କଥା ହେଲା ସେଥିରେ କିଛି ବି ଭାରତୀୟ ନାହିଁ । ମନୁସ୍ମୃତି ହେଉଛି ସେହି ଧର୍ମଗ୍ରନ୍ଥ ଯାହା ଆମର ହିନ୍ଦୁ ରାଷ୍ଟ୍ରପାଇଁ ବେଦ ପରେ ସବୁଠାରୁ ଅଧିକ ପୂଜନୀୟ । ଏଥିରେ ଆମର ପ୍ରାଚୀନ କାଳ, ଆମ ସଂସ୍କୃତି, ରୀତି-ନୀତି, ବିଚାର ଓ ବ୍ୟବହାରର ଆଧାର ପାଲଟିଛି । ଏହି ପୁସ୍ତକରେ ଶହ ଶହ ବର୍ଷ ହେବ ଆମ ରାଷ୍ଟ୍ରର ଆଧାତ୍ମିକ ଓ ଦେବିକ ଯାତ୍ରାକୁ ସଂହିତାବଦ୍ଧ କରାଯାଇଛି । ଆଜି ମନୁସ୍ମୃତି ଆଇନ । ଏହା ସାଭରକରଙ୍କ ଶବ୍ଦ ।'

# ମାର୍ଚ୍ଚ ୨୦୨୫ ସୁଦ୍ଧା ୧୦ ଲକ୍ଷ ସୌର ଶକ୍ତି ସ୍ଥାପନ ଲକ୍ଷ୍ୟ

**ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ବିଶ୍ୱର ସର୍ବ ବୃହତ ଘରୋଇ ସୌର ଶକ୍ତି ଯୋଜନା ହେଉଛି ପିଏମ ସୂର୍ଯ୍ୟ ଘର – ମାଗଣା ବିଜୁଳି ଯୋଜନା ବା ପିଏମଏସଜିଏମବିୱ୍ୱାଇ । ଭାରତବର୍ଷରେ ସୌର ଶକ୍ତିର ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଏହା ବିଶେଷ ସହାୟକ ହୋଇପାରିଛି । ମାର୍ଚ୍ଚ ୨୦୨୫ ସୁଦ୍ଧା ୧୦ ଲକ୍ଷ, ଅକ୍ଟୋବର ୨୦୨୫ ସୁଦ୍ଧା ୨୦ ଲକ୍ଷ, ମାର୍ଚ୍ଚ ୨୦୨୬ ସୁଦ୍ଧା ୪୦ ଲକ୍ଷ, ମାର୍ଚ୍ଚ ୨୦୨୭ ସୁଦ୍ଧା ଏକ କୋଟି ଆବଶ୍ୟକୀୟ ଯନ୍ତ୍ରପାତି ଲଗାଇବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରତି ମାସ ପିଛା ୭୦ ହଜାର ଲେଖାଏଁ ନଅ ମାସ ଭିତରେ ୬.୩ ଲକ୍ଷ ଆବଶ୍ୟକୀୟ ଯନ୍ତ୍ରପାତି ଲଗାଯାଇଥିବା କୁହାଯାଇଛି । ଫେବୃଆରୀ ୨୦୨୪ରେ ଏହି ଯୋଜନା ଆରମ୍ଭ ହେବା ପରେ ପ୍ରତି ମାସରେ ଲଗାଯାଉଥିବା ଯନ୍ତ୍ରପାତିକୁ ଏବେ ଦଶଗୁଣା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏକ୍ଷେତ୍ରରେ ଗୁଜରାଟ, ମହାରାଷ୍ଟ୍ର, କେରଳ ଓ ଉତରପ୍ରଦେଶ ବିଶେଷ ଅଗ୍ରଗତି କରିଛି ।

ସୌର ଶକ୍ତି ଯନ୍ତ୍ରପାତି ଲଗାଇବା ନେଇ ପ୍ରାଥମିକ ପର୍ଯ୍ୟାୟରେ ରହିଥିବା ସମସ୍ତ ସମସ୍ୟାକୁ ଏହା ଭିତରେ ସମାଧାନ କରାଯାଇଛି । ଆବଶ୍ୟକୀୟ ଶକ୍ତି ସଂସ୍ଥାପନ ଲାଗି ବିତରକ ସମ୍ପାନୀଗୁଡିକ କାମ କରିଛନ୍ତି । ଏପରିକି ୧୦ କିଲୋ ବାଟ ପର୍ଯ୍ୟନ୍ତ ସିଷ୍ଟମ ଲାଗି ଟେକ୍ନିକାଲ ଫିଜିବିଲିଟି ରିପୋର୍ଟ ବା ଟିଏଫଆରକୁ ଛାଡ କରାଯାଇଛି । ବିତରକ କମ୍ପାନୀଗୁଡିକର ପରିଦର୍ଶନ ଦ୍ୱାରା ସବସିଡ ମଞ୍ଜୁର ହେବା ସହ ନେଟ ମିଟର ସଂସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ୩ କିଲୋ ବାଟ ପର୍ଯ୍ୟନ୍ତ ସିଷ୍ଟମ ଲାଗି ଜନ ସମର୍ଥ ପୋର୍ଟାଲର ବି ବ୍ୟବସ୍ଥା କରାଯାଇଛି ।

# ମେଡିକାଲ ଜରୁରୀକାଳୀନ ପରିସ୍ଥିତି କାରଣରୁ କରାଚୀରେ ଅବତରଣ କଲା ଇଣ୍ଡିଗୋ ବିମାନ

**କରାଚୀ, ୧୪।୧୨ (ଏଜେନ୍ସି):** ଭାରତର ରାଜଧାନୀ ନୂଆଦିଲ୍ଲୀରୁ ଜେଦ୍ଦା ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଗୋଟିଏ ବିମାନକୁ ମେଡିକାଲ ଜରୁରୀକାଳୀନ ପରିସ୍ଥିତି କାରଣରୁ ପାକିସ୍ଥାନର କରାଚୀ ସ୍ଥିତ ଜିନ୍ନା ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବାକୁ ପଡିଲା । ଏହି ବିମାନଟି ପାକିସ୍ଥାନର ଆକାଶମାର୍ଗରେ ଥିବାବେଳେ ଜଣେ ୫୫ବର୍ଷୀୟ ପୁରୁଷ ଯାତ୍ରୀ ଗୁରୁତର ଭାବରେ ଅସୁସ୍ଥ ହୋଇପଡିଥିଲେ ।

ଜିୟୋ ନ୍ୟୁଜ ଚ୍ୟାନେଲ ବିମାନ ଚଳାଚଳ ସୁତ୍ରରୁ ଏହାର ସବିଶେଷ ତଥ୍ୟ ଆଜି ସକାଳେ ପ୍ରସାରଣ କରିଛି ।ସୁଚନାନୁସାରେ ଯେତେବେଳେ ବିମାନ ପାକିସ୍ଥାନର ଆକାଶମାର୍ଗରେ ଥିବାବେଳେ ଜଣେ ୫୫ ବର୍ଷୀୟ ମୁସଲିମ ଯାତ୍ରୀ ଗୁରୁତର ଭାବରେ ଅସୁସ୍ଥ ହୋଇପଡିଥିଲେ ।ପାଇଲ୍‌ଟ କୁ ଯାତ୍ରୀଙ୍କୁ ଅକ୍ସିଜେନ ଯୋଗାଉଥିଲେ,କିନ୍ତୁ ତାଙ୍କ ଅବସ୍ଥା ବିଗିଡି ଯାଇଥିଲା ।ପାଇଲଟ ମାନବିକତା ଦୃଷ୍ଟିରୁ କରାଚୀ ଏୟାର ଟ୍ରାଫିକ କଂଟ୍ରୋଲ ସହ ଯୋଗାଯୋଗ କରିଥିଲେ ଏବଂ ଜରୁରୀକାଳୀନ ଅବତରଣ ପାଇଁ ଅନୁମତି ମାଗିଥିଲେ ।ଅନୁମତି ମିଳିବା ପରେ ବିମାନକୁ କରାଚୀ ଅଭିମୁଖେ ଯାଇ ସୁରକ୍ଷିତ ଅବତରଣ କରାଯାଇଥିଲା ।ପାକିସ୍ଥାନ ନାଗରିକ ଚଳାଚଳ ପ୍ରାଧିକରଣ ଡାକ୍ତରୀ ଦଳ ତୁରନ୍ତ ବିମାନ ଭିତରେ ପହଁଚି ଯାତ୍ରୀଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରିଥିଲେ ।ଏହାପରେ ବିମାନ କରାଚୀରୁ ଉଡାଣ କରି ଜେଦ୍ଦା ଯିବା ପରିବର୍ତ୍ତେ ଦିଲ୍ଲୀ ଫେରିଥିଲା ।

# ସୋରୋସ ପ୍ରସଙ୍ଗରେ ସଂସଦରେ ହଙ୍ଗାମା

ନୂଆଦିଲ୍ଲୀ, ୧୪।୧୨ ସଂସଦରେ ପୁଣି ଥରେ ହଙ୍ଗାମା ଜର୍ଜ ସୋରୋସ ପ୍ରସଙ୍ଗରେ ସଂସଦରେ ପୁଣିଥରେ ଦେଖାଦେଇଛି ଉତ୍ତେଜନା । କଂଗ୍ରେସ୍ ଆଦାନୀ ପ୍ରସଙ୍ଗରେ ଶାସକ ଦଳକୁ ଲଗାତର ଟାର୍ଗେଟ କରୁଛି ।ଏବେ ବିଜେପି କଂଗ୍ରେସକୁ ସୋରୋସ ପ୍ରସଙ୍ଗରେ ଘେରିଛି ।



କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ସୋରୋସ୍ ପ୍ରସଙ୍ଗରେ କଂଗ୍ରେସକୁ ଜୋରଦାର ଟାର୍ଗେଟ୍ କରିଛନ୍ତି । ଜର୍ଜ ସୋରୋସ୍ଙ୍କ କାଠ କଣ୍ଢେଇ ପାଲଟି ଯାଇଛି କଂଗ୍ରେସ । ଜନତା ତାଙ୍କୁ କେବେ କ୍ଷମା କରିବ ନାହିଁ । ଦେଶକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରାଯାଉଛି । ଦେଶ ତାଙ୍କୁ କେବେ କ୍ଷମା କରିବ ନାହିଁ ବୋଲି ସେ କହିଛନ୍ତି ।

ଜେପି ନଡ୍ଡା କହିଛନ୍ତି, ସଂସଦର ପରମ୍ପରାରେ ବିରୋଧୀଙ୍କ ବିଶ୍ୱାସ ନାହିଁ । ସରକାର ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ଅପମାନିତ କରିଥିବା ସେ ଅଭିଯୋଗ କରିଛନ୍ତି । ମଲ୍ଲିକାର୍ଜୁନ ଖାଡ଼ଗେ ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି ।ଗୃହର ଅଧ୍ୟକ୍ଷଙ୍କୁ ଚେୟାରଲିଡର୍ କୁହାଯାଇଥିବା ଜେପି ନଡ୍ଡା କହିଛନ୍ତି । ସେପଟେ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ଆଜି ସୋନିଆ ଗାନ୍ଧି ଓ ଜର୍ଜ ସୋରୋସଙ୍କୁ ନେଇ ଅଭିଯୋଗ ଆଣିଛନ୍ତି । ଏମାନଙ୍କ ପରସ୍ପର ସହ କ'ଣ ସମ୍ପର୍କ ରହିଛି ? କଂଗ୍ରେସ ଏହାର ଜବାବ ଦେଉ ବୋଲି ସେ କହିଛନ୍ତି । ଜେପି ନଡ୍ଡାଙ୍କ ଅଭିଯୋଗର ଉତ୍ତର ରଖିଛନ୍ତି ମଲ୍ଲିକାର୍ଜୁନ ଖଡଗେ ସେ କହିଛନ୍ତି, ସରକାର ଗୃହ ଚଳାଇବାକୁ ଚାହୁଁ ନାହାଁନ୍ତି ବିଜେପି ବାସ୍ତବ ପ୍ରସଙ୍ଗରୁ ଦେଶର ଧ୍ୟାନକୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି ଖଡ଼ଗେ ଗୃହରେ ଉତ୍ତର ରଖୁଥିବା ବେଳେ ମଝିରେ ହିଁ ଅଧ୍ୟକ୍ଷ ଜଗଦିପ ଧନଖଡେ ଜୋରଦାର ହଙ୍ଗାମା ଯୋଗୁ ରାଜ୍ୟସଭାକୁ ମୁଲତବୀ କରିଛନ୍ତି ।

ଜଗଦୀପ ଧନଖଡ଼େଙ୍କୁ ପଦରୁ ହଟାଇବାକୁ ଅବିଶ୍ୱାସ ପ୍ରସ୍ତାବ ସମ୍ପର୍କରେ ଗୃହରେ ଜୋରଦାର ହଙ୍ଗାମା ଜାରି ରହିଛି ଗୃହ ସ୍ଥଗିତ ହେବା ପରେ ଜେପି ନାଡ୍ଡା ସଂସଦ ପରିସରରେ କହିଛନ୍ତି ଯେ ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରାଯାଇପାରିବ ନାହିଁ ଗୃହରେ ଭାଷଣ ଦେବା ପାଇଁ ଖଡ଼ଗେଙ୍କୁ ପୂର୍ଣ୍ଣ ସୁଯୋଗ ମିଳିଥିଲା ଗୃହ ବାହାରେ ଅଧ୍ୟକ୍ଷ ଧନଖଡ଼େଙ୍କ ବିରୋଧରେ ଅଭିଯୋଗ କରିବା ଭୁଲ୍ ବୋଲି ସେ କହିଛନ୍ତି ।

## ୧୯ ସ୍ଥାନରେ ଏନ୍ଆଇଏ ଚଢାଉ

ନୂଆଦିଲ୍ଲୀ, ୧୪।୧୨: ଆତ୍ମନରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଏକାସାଙ୍ଗେ ଦେଶର ୫ଟି ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଛି ଚଢାଉ । ଆତଙ୍କୀ ଲିଙ୍କ ନେଇ ଏହି ସବୁ ରାଜ୍ୟର ପ୍ରାୟ ୧୯ଟି ସ୍ଥାନରେ ରେଡ୍ ଚାଲିଥିବା ସୂଚନା ମିଳିଛି ।

ଖବର ଅନୁଯାୟୀ, ଜାତୀୟ ତଦନ୍ତକାରୀ ସଂସ୍ଥା ଗୁରୁବାର ଦିନ ସକାଳୁ ସକାଳୁ ଦେଶର ବିଭିନ୍ନ ସ୍ଥାନରେ ଚଢାଉ କରୁଛି ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜେସ୍-ଇ ମହମ୍ମଦ ସଂସ୍ଥା ସହିତ ଦେଶରେ କିଛି ସ୍ଥାନରେ ଲିଙ୍କ ଥିବା ନେଇ ଚଢାଉ ଜାରି ରହିଛି । ଚଢାଉ ହେଉଥିବା ରାଜ୍ୟ ମଧ୍ୟରେ ଜାମ୍ମୁ-କାଶ୍ମୀର, ଆସାମ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଗୁଜୁରାଟର କିଛି ଅଞ୍ଚଳ ରହିଛି ତେବେ ବର୍ତ୍ତମାନ ସୁଦ୍ଧା ଏହି ଚଢାଉରେ କେତେ ପରିମାଣର ତଥ୍ୟ ହସ୍ତଗତ ହୋଇଛି ।ସେନେଇ ସଠିକ୍ ସୂଚନା ମିଳିନାହିଁ ରେଡ୍ ଶେଷ ପରେ ସବିଶେଷ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି ।

# ଭାବୁକ ହେଲେ ଗଡ଼କରୀ

ନୂଆଦିଲ୍ଲୀ, ୧୪।୧୨: କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡକରୀ ଗୁରୁବାର ଲୋକ ସଭାରେ କହିଛନ୍ତି ଯେ ସଡ଼କ ଦୁର୍ଘଟଣା ସମ୍ପର୍କରେ ଭାରତର ରେକର୍ଡ ଏତେ ଖରାପ ଯେ ଏହାକୁ ବିଶ୍ ସମ୍ମିଳନୀରେ ଲୁଚାଇବାକୁ ପଡୁଛି ଗୃହରେ ପ୍ରଶ୍ନ କାଳ ସମୟରେ ସପ୍ଲିମେଣ୍ଟାରୀ ପ୍ରଶ୍ନର ଉତ୍ତର ଦେଉଥିବାବେଳେ ସେ କହିଛନ୍ତି ଯେ ତାଙ୍କ ମନ୍ତ୍ରଣାଳୟର ସମସ୍ତ ଉଦ୍ୟମ ସତ୍ତ୍ୱେ ସଡ଼କ ଦୁର୍ଘଟଣା କମିନାହିଁ ବରଂ ବୃଦ୍ଧି ପାଇଛି ।

ଗଡକରୀ କହିଛନ୍ତି, ଯେପର୍ଯ୍ୟନ୍ତ ସମାଜର ସମର୍ଥନ ନହୁଏ ସେପର୍ଯ୍ୟନ୍ତ ମାନବୀୟ ଆଚରଣରେ ପରିବର୍ତ୍ତନ ହୁଏ ନାହିଁ ଏବଂ ଆଇନର ଭୟ ନଥାଏ, ସଡ଼କ ଦୁର୍ଘଟଣାକୁ ରୋକାଯାଇପାରିବ ନାହିଁ ତାଙ୍କ କହିବାନୁସାରେ, ଦେଶରେ ସଡ଼କ ଦୁର୍ଘଟଣା ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ପ୍ରତିବର୍ଷ ଏଭଳି ଦୁର୍ଘଟଣାରେ ୧.୭ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି ।

ସେ କହିଛନ୍ତି ଯେ ଏତେ ସଂଖ୍ୟକ ଲୋକ ଯୁଦ୍ଧରେ କିମ୍ବା କୋଭିଡରେ କିମ୍ବା ଦଙ୍ଗାରେ ମରନ୍ତି ନାହିଁ ସେ କହିଥିଲେ, ଯେତେବେଳେ ମୁଁ ବିଶ୍ ସମ୍ମିଳନୀକୁ ଯାଏ, ମୁଁ ମୁହଁ ଲୁଚାଇଥାଏ ଆମର ମଇଳା ରେକର୍ଡ (ଦୁର୍ଘଟଣା) ପାଇଁ ସଡ଼କ ଦୁର୍ଘଟଣାକୁ ରୋକିବା ଏବଂ ପରିବହନ ବିଭାଗ ସହାୟତାରେ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସେ ସାଂସଦମାନଙ୍କୁ କହିଥିଲେ ।

ଗଡକରୀଙ୍କ ଅନୁଯାୟୀ, ନୀତି ଆୟୋଗ ରିପୋର୍ଟ କରିଛନ୍ତି ଯେ ଜୀବନ ରକ୍ଷାକାରୀ ଚିକିତ୍ସା ନ ପାଇ ସଡ଼କ ଦୁର୍ଘଟଣାରେ ପୀଡିତଙ୍କ ମଧ୍ୟରୁ ୩୦ପ୍ରତିଶତଙ୍କର ମୃତ୍ୟୁ ହେଉଛି ସେ କହିଛନ୍ତି, ଚିକିତ୍ସା ପାଇଁ ଏକ କ୍ୟାସଲେସ ବା ନଗଦବିହୀନ ଯୋଜନା ଅଣାଯାଇଛି ଏହି ପାଇଲଟ ପ୍ରକଳ୍ପ ଉତ୍ତରପ୍ରଦେଶରେ ଆରମ୍ଭ ହୋଇଛି, ଏହା ପରେ ଏହା ସମଗ୍ର ଦେଶରେ କାର୍ଯ୍ୟକାରୀ ହେବ । ଦେଶରେ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ବ୍ୟବସ୍ଥାରେ ସଂସ୍କାର ଆଣିବା ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ସେ କହିଛନ୍ତି, ଯେଉଁ ଦେଶରେ ଡ୍ରାଇଭିଂ ଲାଇସେନ୍ସ ପାଇବା ସହଜ, ସେହି ଦେଶର ନାମ ହେଉଛି ଭାରତ ଆମେ ଏହାକୁ ଉନ୍ନତ କରୁଛୁ ଲୋକ ସଭା ବାଚସ୍ପତି ଓମ ବିଲା ସଦସ୍ୟମାନଙ୍କୁ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ତଥା ସମାଜକୁ ଜାଗ୍ରତ କରିବା ପାଇଁ କାର୍ଯ୍ୟ କରିବାକୁ କହିଥିଲେ ।

## ଆମେ ମୁଣ୍ଡ ନୁଆଁଇବୁ ନାହିଁ: ଖର୍ଗେ

ନୂଆଦିଲ୍ଲୀ, ୧୪।୧୨: ସଂସଦର ଶୀତକାଳୀନ ଅଧିବେଶନରେ ଉତ୍ତେଜନା ମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି ସେ କହିଛନ୍ତି, ଗଣତନ୍ତ୍ର ସର୍ବଦା ଦୁଇଟି ଚକ ଉପରେ ଚାଲିଥାଏ ଗୋଟିଏ ଚକ ଶାସକ ଦଳ ଏବଂ ଅନ୍ୟଟି ହେଉଛି ବିରୋଧୀ ଦଳ ଉଭୟ ଆବଶ୍ୟକ ଅଧିବେଶନ ସମୟରେ ହିଁ ଦେଶ ସାଂସଦଙ୍କ ମତାମତ ଶୁଣେ । ସୋସିଆଲ ମିଡିଆ । ପ୍ଲାଟଫର୍ମରେ ପୋଷ୍ଟରେ ଖାର୍ଗେ କହିଛନ୍ତି, ୧୬ ମେ, ୧୯୫୨ରେ, ଅଧ୍ୟକ୍ଷ ଭାବରେ ରାଜ୍ୟ ସଭାର ପ୍ରଥମ ଚେୟାରମ୍ୟାନ ଡକ୍ଟର ରାଧାକ୍ରିଷ୍ଣନ ଏମ୍ପିମାନଙ୍କୁ କହିଥିଲେ ଯେ, ମୁଁ କୌଣସି ଦଳର ନୁହେଁ ଏବଂ ଏହାର ଅର୍ଥ ହେଉଛି ଯେ ମୁଁ ଗୃହର ପ୍ରତ୍ୟେକ ଦଳର ଅଟେ ନିରପେକ୍ଷତାର ଏହି ପରମ୍ପରା ଆପଣଙ୍କ କାର୍ଯ୍ୟକାଳ ମଧ୍ୟରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । (ଚେୟାରମ୍ୟାନ ଜଗଦୀପ ଧନଖର) ଆଜି ବିରୋଧୀଙ୍କ ସ୍ୱରକୁ ଅଟକାଇବା ବର୍ତ୍ତମାନ ରାଜ୍ୟ ସଭାରେ ସଂସଦୀୟ ପଦ୍ଧତିର ନିୟମ ପାଲଟିଛି । କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି, ସଂସଦର ଶୋଭା ଏବଂ ନୈତିକତା ଭିତ୍ତିକ ପରମ୍ପରାର ଉଲ୍ଲଂଘନ ବର୍ତ୍ତମାନ ରାଜ୍ୟ ସଭାରେ ଏକ ନିତିଦିନିଆ ହୋଇଯାଇଛି ।

# ଭାରତରେ ପ୍ରତିବର୍ଷ ୧.୫ ନିୟୁତ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ

ନୂଆଦିଲ୍ଲୀ ୧୪।୧୨: ଏକ ନୂଆ ଅଧ୍ୟୟନରୁ ଜଣାପଡିଛି ଯେ ଭାରତରେ ପ୍ରତିବର୍ଷ ଦେଢ ନିୟୁତ ଅର୍ଥାତ ପ୍ରାୟ ୧୫ ଲକ୍ଷ ଲୋକ ଦୀର୍ଘ ସମୟ ଧରି ପିଏମ୨.୫ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ରହିବା ଯୋଗୁ ପ୍ରାଣ ହରାଉଛନ୍ତି ଦି ଲେସେଣ୍ଟ ପ୍ଲାନେଟରୀ ହେଲଥ୍ ଜର୍ଣ୍ଣାଲ ରେ ପ୍ରକାଶିତ ଗବେଷଣା ନିବନ୍ଧରେ ଏହା ପ୍ରକାଶିତ ହୋଇଛି ଏହି ଗବେଷଣାରେ ହରିୟାଣାର ଅଶୋକା ବିଶ୍ୱବିଦ୍ୟାଳୟ ଓ ନୂଆଦିଲ୍ଲୀର ସେଣ୍ଟର ଫର କ୍ରନିକ ଡିଜିଜ କଣ୍ଟ୍ରୋଲ (ସିସିଡିସି)ର ଗବେଷକମାନେ ସାମିଲ ଥିଲେ

ଗବେଷକମାନେ କହିଛନ୍ତି ଯେ ଭାରତର ୧.୪ ବିଲିୟନ ଜନସଂଖ୍ୟା ଏପରି ଅଞ୍ଚଳରେ ରହୁଛନ୍ତି ଯେଉଁଠି ବାୟୁରେ ପିଏମ୨.୫ର ସ୍ତର ବିଶ୍ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚଓ)ଙ୍କ ଦ୍ୱାରା ନିର୍ଦ୍ଦେଶିତ ବାର୍ଷିକ ହାରାହାରି ୫ ମାଇକ୍ରୋ ଗ୍ରାମ ପ୍ରତି ଘନମିଟରରୁ ବି ଅଧିକ ରହୁଛି ଟିମ୍ ଏହା ମଧ୍ୟ ଜାଣିବାକୁ ପାଇଛନ୍ତି ଯେ ୧.୧ ବିଲିୟନ ଜନସଂଖ୍ୟା ଏପରି କ୍ଷେତ୍ରରେ ରହୁଛନ୍ତି ଯେଉଁଠି ବାର୍ଷିକ ପିଏମ୨.୫ର ସ୍ତର ଭାରତୀୟ ଜାତୀୟ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡ ନିର୍ଦ୍ଦେଶିତ ସ୍ତର (୪୦ମାଇକ୍ରନ ପ୍ରତି ଘନମିଟର) ଠାରୁ ଅଧିକ ରହୁଛି ଗବେଷଣାରୁ ଜଣାପଡିଛି ଯେ ବାୟୁରେ ପିଏମ ୨.୫ ପ୍ରଦୂଷଣରେ ପ୍ରତି ଘନ ମିଟର ୧୦ ମାଇକ୍ରନର ବାର୍ଷିକ ବୃଦ୍ଧି ଯୋଗୁ ବାର୍ଷିକ ମୃତ୍ୟୁ ହାରରେ ୮.୬ ପ୍ରତିଶତ ବୃଦ୍ଧି ହେଉଛି । ଟିମ୍ କହିଛନ୍ତି ଯେ ଭାରତରେ ବାୟୁ ପ୍ରଦୂଷଣର ଦୀର୍ଘକାଳୀନ ପ୍ରଭାବ ଓ ଏଥିରୁ ହେଉଥିବା ମୃତ୍ୟୁ ସମ୍ପର୍କରେ ସାକ୍ଷ ଦୁର୍ଲଭ ତଥା ଅନ୍ୟ ଦେଶଙ୍କ ଅଧ୍ୟୟନ ସହିତ ମେଳ ଖାଉ ନାହିଁ । ତେବେ ଗତ କିଛି ବର୍ଷ ହେଲା ଭାରତରେ ପିଏମ୨.୫ ପ୍ରଦୂଷଣ ସ୍ତରରେ ବ୍ୟାପକ ବୃଦ୍ଧି ଦେଖାଯାଇଛି ।

ବାୟୁରେ ପିଏମ୨.୫ର ସବୁଠୁ କମ ବାର୍ଷିକ ସ୍ତର (୧୧.୨ ମାଇକ୍ରନ ପ୍ରତି ଘନ ମିଟର) ଅରୁଣାଚଳ ପ୍ରଦେଶର ଲୋଅର ସୁବନସିରି ଜିଲ୍ଲାରେ ୨୦୧୯ ମସିହାରେ ରେକର୍ଡ କରାଯାଇଥିଲା ପିଏମ୨.୫ର ସବୁଠୁ ଅଧିକ ବାର୍ଷିକ ସ୍ତର(୧୧୯ ମାଇକ୍ରନ ପ୍ରତି ଘନମିଟର) ଗାଜିୟାବାଦ, ଉତ୍ତରପ୍ରଦେଶ ଓ ଦିଲ୍ଲୀରେ ୨୦୧୬ ମସିହାରେ ଦେଖାଯାଇଥିଲା । ଅଧ୍ୟୟନରେ ଏହି କଥା ଉପରେ ଆଲୋକପାତ କରାଯାଇଛି ଯେ ସରକାର ପୁରା ଦେଶର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ)ରେ ସୁଧାର ଆଣିବା ପାଇଁ ଦୀର୍ଘ କାଳୀନ ଉପାୟ କରିବା ତଥା ଡବ୍ଲୁଏଚଓ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ତତ୍କାଳ ଦୃଢ ନିୟମ କରିବା ଜରୁରି ।

# ଗାବା ଟେଷ୍ଟ : ପ୍ରଥମ ଦିନରେ ବର୍ଷା ବାଧକ




**ବ୍ରିସବେନ,୧୪।୧୨:** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ବ୍ରିସବେନ ଆରମ୍ଭ ହୋଇଛି। ହେଲେ ଐତିହାସିକ ଗାବାରେ ପ୍ରଥମ ଦିନରେ ହିଁ ପ୍ରଶଂସକ ନିରାଶ ହୋଇଛନ୍ତି। ପ୍ରବଳ ବର୍ଷା କାରଣରୁ ପ୍ରଥମ ଦିନ ଖେଳକୁ ବନ୍ଦ କରିଦିଆଯାଇଛି। ତେବେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ୧୩.୨ ଓଭରରେ କୌଣସି ୱିକେଟ ନହରାଇ ୨୮ ରନ ସଂଗ୍ରହ କରିଛି।

ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ୍ ଖେଳିବାକୁ ଆଶା ରଖିଥିବା ଭାରତୀୟ ଦଳକୁ ଲାଗିଛି ଆଉ ଏକ ଝଟକା। ଦ୍ୱିତୀୟ ଟେଷ୍ଟ ହାରିବା ପରେ ତୃତୀୟ ଟେଷ୍ଟରେ ପ୍ରତ୍ୟାର୍ବନ ଲକ୍ଷ୍ୟରେ ଥିଲା ରୋହିତ ବାହିନୀ। ହେଲେ ସବୁ ଲକ୍ଷ୍ୟ ବିଗାଡ଼ି ଦେଇଛି ବର୍ଷା। ପ୍ରଥମ ଦିନ ବର୍ଷାରେ ଧୋଇଯାଇଥିବାବେଳେ ଏବେ ହାତରେ ଆଉ ୪ ଦିନ ସମୟ ରହିଛି। ତେବେ ଆଜି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ଘରୋଇ ଦଳକୁ ଆମନ୍ତ୍ରଣ କରିଥିଲେ ଭାରତୀୟ ଅଧିନାୟକ ରୋହିତ ଶର୍ମା। ଅଷ୍ଟ୍ରେଲିଆ ପାଇଁ ଉସମାନ ଖାଓ୍ୱଜା ଓ ନାଥନ ମ୍ୟାକ୍ସ୍ୱିନୀ ପାଳି ଆରମ୍ଭ କରିବାକୁ ଆସିଥିଲେ।

ଆରମ୍ଭରୁ ହିଁ ଜସପ୍ରୀତ ବୁମ୍ରାଙ୍କ ସମେତ ଅନ୍ୟ ଭାରତୀୟ ଦ୍ରୁତ ବୋଲରମାନେ ବଲ୍ ସ୍ୱିଙ୍ଗ୍ କରିବାରେ ଅସବୁଧାର ସମ୍ମୁଖୀନ ହୋଇଥିଲେ। ପ୍ରଥମେ ୫.୩ ଓଭର ପରେ ବର୍ଷା ଯୋଗୁଁ ଖେଳ ଅଟକି ରହିଥିଲା। ବର୍ଷା ଛାଡ଼ିବା ପରେ ପୁନର୍ବାର ଖେଳ ଆରମ୍ଭ ହୋଇଥିଲେ ମଧ୍ୟ ୧୩.୨ ଓଭର ପରେ ଆଉଥରେ ବର୍ଷା ହୋଇଥିଲା। ଏଥିପାଇଁ ଖେଳ ଆଉଥରେ ଅଟକିଲା। ହେଲେ ଏହାପରେ ଆଉ ଖେଳ ସମ୍ଭବପର ହୋଇନଥିଲା। ଆଜିର ଖେଳ ଶେଷ ସୁଦ୍ଧା ଦୁଇ ଅଷ୍ଟ୍ରେଲୀ। ଓପନର ଉସମାନ ଖାଓ୍ୱଜା ୧୯ ଓ ନାଥନ ମ୍ୟାକ୍ସ୍ୱିନୀ ୪ ରନ କରି ଅପରାଜିତ ରହିଛନ୍ତି। ଅନ୍ୟପଟେ ଦ୍ୱିତୀୟ ଦିବସରେ ୯୮ ଓଭର ଖେଳାଯିବ ବୋଲି ସ୍ଥିର ହୋଇଛି। ଦ୍ୱିତୀୟ ଦିବସ ସମେତ ବାକି ସମସ୍ତ ଦିନର ଖେଳ ପୂର୍ବ ନିର୍ଦ୍ଧାରିତ ସମୟ ଠାରୁ ଅଧଘଣ୍ଟା ଆଗରୁ, ଅର୍ଥାତ ଭାରତୀୟ ସମୟ ସକାଳ ୫:୨୦ରୁ ଆରମ୍ଭ ହେବ।

# ପିବି ସିନ୍ଧୁଙ୍କ ନିର୍ବନ୍ଧ ଶେଷ




**ନୂଆଦିଲ୍ଲୀ,୧୪।୧୨:** ଭାରତର ଷ୍ଟାର ବ୍ୟାଡମିଣ୍ଟନ ଖେଳାଳି ପିବି ସିନ୍ଧୁ ତାଙ୍କ ଜୀବନରେ ଏକ ନୂଆପଥରେ ଆଗେଇଛନ୍ତି। ପିବିଙ୍କ ହାଇଦ୍ରାବାଦର ବାସିନ୍ଦା ଭେଙ୍କଟ ଦତ୍ତ ସାଇଙ୍କ ସହିତ ଡିସେମ୍ବର ୧୪ ତାରିଖ ଶନିବାର ଦିନ ନିର୍ବନ୍ଧ ହୋଇଛି।

ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି, ପିବି ସିନ୍ଧୁ ଓ ଭେଙ୍କଟ ଦତ୍ତ ସାଇଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଏହି ନିର୍ବନ୍ଧ ଶେଷ ହୋଇଛି। ଏ ସମ୍ପର୍କରେ ନିଜେ ପିବି ସିନ୍ଧୁ ଇନଷ୍ଟାଗ୍ରାମରେ ନିର୍ବନ୍ଧର ଫଟୋ ଦେଇ ସୂଚନା ଦେଇଛନ୍ତି। ଏହି ଫଟୋରେ ପିବି ସିନ୍ଧୁ ଓ ଭେଙ୍କଟ ଦତ୍ତ ସାଇ ଛିଡ଼ା ହୋଇଥିବା ବେଳେ ତାଙ୍କ ପଛପାର୍ଶ୍ୱରେ ଥିବା ପୋଷ୍ଟରରେ ମିସ ଟୁ ମିସେଜ ଲେଖାହୋଇଛି।

ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି, ଏହି ବିବାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ଗୃହମନ୍ତ୍ରୀ ଅମିତ ଶାହଙ୍କୁ ନିମନ୍ତ୍ରଣ କରାଯାଇଛି। ପିବି ସିନ୍ଧୁ ଗତ ୨ ସପ୍ତାହ ତଳେ ନିଜର ବିବାହ ସମ୍ପର୍କରେ ସୂଚନା ଦେଇଥିଲେ। ସିନ୍ଧୁଙ୍କ ବିବାହ କାର୍ଯ୍ୟକ୍ରମ ଡିସେମ୍ବର ୨୦ ତାରିଖରୁ ରାଜସ୍ଥାନର ଉଦୟପୁରରେ ଆରମ୍ଭ ହେବ। ଡିସେମ୍ବର ୨୨ରେ ସିନ୍ଧୁ ଭେଙ୍କଟ ଦତ୍ତର ସାଇଙ୍କୁ ବିବାହ କରିବେ।

# ରାହୁଲଙ୍କୁ କିଣିବାକୁ ଆରସିବିର ଯୋଜନା ନଥିଲା



**ନୂଆଦିଲ୍ଲୀ,୧୪।୧୨:** ଆଇପିଏଲ ୨୦୨୫ ପାଇଁ ସମସ୍ତ ଦଳ ପ୍ରସ୍ତୁତ ହେଉ ଛନ୍ତି ଯଦି ରିପୋର୍ଟଗୁଡିକ ବିଶ୍ୱାସ କରାଯାଏ, ଆଇପିଏଲର ୧୮ତମ ସିଜନ୍ ମାର୍ଚ୍ଚ ୧୪ ରୁ ମେ ୨୫ ପର୍ଯ୍ୟନ୍ତ ଖେଳାଯିବ ଗତ ମାସରେ, ଆଇପିଏଲ୍ ୨୦୨୫ ପାଇଁ ଏକ ମେଗା ନିଲାମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସମସ୍ତ ଦଳ ନିଜ ପସନ୍ଦର ଖେଳାଳି କିଣିବାରେ ବହୁ ଅର୍ଥ ଖର୍ଚ୍ଚ କରିଥିଲେ ଆରସିବି ଏଥର ନିଲାମରେ ଅନେକ ଶକ୍ତିଶାଳୀ ଖେଳାଳି କିଣିଛି। ତେବେ ଫ୍ରାଇଜର କିଛି ନିଷ୍ପତ୍ତି ଦ୍ୱାରା ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଥିମଧ୍ୟରୁ ଗୋଟିଏ କେ.ଏଲ୍ ରାହୁଲଙ୍କୁ କିଣିନଥିଲା।

ବାସ୍ତବରେ ନିଲାମ ପୂର୍ବରୁ ଅନେକ ଗଣମାଧ୍ୟମ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଆରସିବି କେ.ଏଲ୍ ରାହୁଲଙ୍କୁ ଯେକୌଣସି ମୂଲ୍ୟରେ କିଣିବ। ଏପରିକି କୁହାଯାଇଥିଲା ଯେ ଆରସିବି ରାହୁଲଙ୍କୁ ଅଧିନାୟକ ମଧ୍ୟ କରିବ। ତେବେ, ବର୍ତ୍ତମାନ ଏହି ସମସ୍ତ ଖବର ଏବଂ ଦାବି ଗୁଜବ ପ୍ରମାଣିତ ହୋଇଛି ଆରସିବିର ଟାର୍ଗେଟ ଖେଳାଳି ତାଲିକା ବାହାରିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି କେଏଲ ରାହୁଲଙ୍କ ନାମ ଏହି ତାଲିକାରେ ନାହିଁ। ଏପରିକି ଶ୍ରେୟସ୍ ଆୟର ଏବଂ ଋଷଭ ପନ୍ତଙ୍କ ପରି ବଡ ଖେଳାଳିଙ୍କ ନାମ ମଧ୍ୟ ଏହି ତାଲିକାରେ ନାହିଁ। ଏହାର ଅର୍ଥ ସମସ୍ତେ ଆରସିବି ରାଡାରରେ ନଥିଲେ। ହଁ, ଯୁଜବେନ୍ଦ୍ର ଚହଲ ଏବଂ ଭେଙ୍କଟେଶ ଆୟରଙ୍କ ନାମ ନିଶ୍ଚିତ ଭାବରେ ଆରସିବିର ଟାର୍ଗେଟ ତାଲିକାରେ ଥିଲା ଏହା ବ୍ୟତୀତ ଆରସିବି, ଟିମ୍ ଡେଭିଡ୍ ଏବଂ ଲିୟମ୍ ଲିଭିଙ୍ଗଷ୍ଟୋନ୍ କିଣିବା ପାଇଁ ଯୋଜନା ମଧ୍ୟ କରିଥିଲା, ଯାହା ମଧ୍ୟ ସଫଳ ହୋଇଥିଲା।

ଏହା ବ୍ୟତୀତ ଭୁବନେଶ୍ୱର କୁମାରଙ୍କୁ କିଣିବାକୁ ମଧ୍ୟ ଆରସିବିର ଇଚ୍ଛା ଥିଲା। ଏହି କାରଣରୁ, ଫ୍ରାଞ୍ଚାଇଜ୍ ବିପୁଳ ପରିମାଣର ଅର୍ଥ ଦେଇ ଭୁଭିଙ୍କୁ କିଣିଛି ଟି ନଟରାଜନ, ଡେଭିଡ ମିଲର ଏବଂ ଜୋଶ ହାଜଲେଉଡଙ୍କ ପରି ଖେଳାଳିମାନେ ମଧ୍ୟ ଆରସିବିର ଟାର୍ଗେଟ ତାଲିକାରେ ଥିଲେ। ଆଉ ଟାର୍ଗେଟ ମୁତାବକ ଆରସିବି ଜୋସ୍ ହାଜଲେଉଡ୍ (୧୨ .୫୦ କୋଟି ଟଙ୍କା), ଫିଲ୍ ସ୍ଲଟଙ୍କୁ (୧୧.୫୦ କୋଟି), ଜିତେଶ ଶର୍ମା (୧୧ କୋଟି ଟଙ୍କା), ଲିଆମ୍ ଲିଭିଙ୍ଗଷ୍ଟୋନ୍ (୮.୭୫ କୋଟି ଟଙ୍କା), ରସିଖ ସଲାମ (୬ କୋଟି ଟଙ୍କା), ସୁଯାଶ ଶର୍ମା (୨.୬୦ କୋଟି) ଟଙ୍କାରେ କିଣିଥିଲା।

# ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ଭାରତୀୟ ମହିଳା ଦଳ ଘୋଷଣା




**ନୂଆଦିଲ୍ଲୀ,୧୪।୧୨:** ୱେଷ୍ଟଇଣ୍ଡିଜ୍ ବିପକ୍ଷ ଆଗାମୀ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଓ ଦିନିକିଆ ଘରୋଇ ଶୃଙ୍ଖଳା (ଭାରତ ବନାମ ୱେଷ୍ଟଇଣ୍ଡିଜ) ପାଇଁ ୧୫ ଜଣିଆ ଭାରତୀୟ ମହିଳା ଦଳ ଘୋଷଣା ହୋଇଛି। ହରମନପ୍ରୀତ କୌର ଉଭୟ ଫର୍ମାଟରେ ଭାରତୀୟ ଦଳର ନେତୃତ୍ୱ କରିବେ। ଭାରତୀୟ ମହିଳା ଦଳ ଡିସେମ୍ବର ୧୫ରୁ ୱେଷ୍ଟଇଣ୍ଡିଜ୍ ମହିଳା ଦଳ ସହ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଯାଉଛି।

ଏହି ତିନୋଟି ଯାକ ମ୍ୟାଚ୍ ନବୀ ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବ। ଏହାପରେ ଡିସେମ୍ବର ୨୨ରୁ ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଆଶ୍ଚର୍ଯ୍ୟର କଥା ହେଉଛି ଅଷ୍ଟ୍ରେଲିଆ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିବା ଅରୁନ୍ଧତୀ ରେଡ୍ଡୀ ଉଭୟ ଦିନିକିଆ ଓ ଟି-୨୦ ଦଳରୁ ବାଦ୍ ପଡ଼ିଛନ୍ତି। ବିସିସିଆଇ ତାଙ୍କୁ ଚୟନ ନ କରାଯିବାର କୌଣସି କାରଣ କହିନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳାରୁ ବାଦ୍ ପଡ଼ିଥିବା ଶେଫାଲି ବର୍ମାଙ୍କୁ ବି ଦଳରେ ସାମିଲ କରାଯାଇଛି।

ଭାରତୀୟ ଟି-୨୦ ଦଳ: ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପଅଧିନାୟକ), ନନ୍ଦିନୀ କଶ୍ୟପ, ଜେମିମା ରୋଡ୍ରିଗେଜ୍, ରିଚା ଘୋଷ (ୱିକେଟ୍ ରକ୍ଷକ), ଉମା ଛେତ୍ରୀ (ୱିକେଟ୍ ରକ୍ଷକ), ଦୀପ୍ତି ଶର୍ମା, ସଜନା ସଜୀବନ, ରାଘବୀ ବିଷ୍ଟ, ରେଣୁକା ସିଂହ ଠାକୁର, ପ୍ରିୟା ମିଶ୍ର, ତିତାସ ସାଧୁ, ମିନୁ ମଣି, ସାଇମା ଠାକୁର, ରାଧା ଯାଦବ।

ଭାରତୀୟ ଦିନିକିଆ ଦଳ: ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପଅଧିନାୟକ), ପ୍ରତୀକ ରାଓ୍ୱଲ, ଜେମିମା ରୋଡ୍ରିଗେଜ୍, ହର୍ଲିନ ଦେଓଲ, ରିଚା ଘୋଷ (ୱିକେଟ୍ ରକ୍ଷକ), ଉମା ଛେତ୍ରୀ (ୱିକେଟ୍ ରକ୍ଷକ), ତେଜଲ ହସବନିସ, ଦୀପ୍ତି ଶର୍ମା, ମିନୁ ମଣି, ପ୍ରିୟା ମିଶ୍ର, ତନୁଜା କନୱର, ଟିତାସ ସାଧୁ, ସାଇମା ଠାକୁର।

### ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ୍

# ସୁପର ଲିଗ ମ୍ୟାଚରେ କେନ୍ଦ୍ରାପଡା ଲାୟନ୍ସ କ୍ଲବ ବିଜୟୀ




**କେନ୍ଦ୍ରାପଡ଼ା,୧୪।୧୨:** କେନ୍ଦ୍ରାପଡା ଜିଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ୮ମ ମ୍ୟାଚ୍‌ରେ ଲାୟନ୍ସ କ୍ଲବ ବିଜୟୀ ହୋଇଛି। ଶନିବାର ଲାୟନ୍ସ କ୍ରିକେଟ କ୍ଲବ ଓ ବିଶ୍ୱାସ କ୍ରିକେଟ କ୍ଲବ ମଧ୍ୟରେ ସୁପର ଲିଗ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଲାୟନ୍ସ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୪୨ ଓଭରେ ୬ଉଇକେଟ ବିନିମୟରେ ୨୩୯ରନ କରି ଅଲଆଉଟ ହୋଇଥିଲା। ଜବାବରେ ବିଶ୍ୱାସ କ୍ରିକେଟ କ୍ଲବ ୨୪.୧ ଓଭରରେ ୯୭ରନ କରି ଅଲଆଉଟ ହୋଇଥିଲା। ଲାୟନ୍ସ କ୍ରିକେଟ କ୍ଲବ ବିଶ୍ୱାସ କ୍ରିକେଟ କ୍ଲବକୁ ୧୪୨ରନରେ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଲାୟନ୍ସ କ୍ରିକେଟ କ୍ଲବର ୩ଟି ଚୌକା ମାରି ୩୧ବଲରେ ୨୩ରନ କରି ଓ ୬ ଓଭର ବୋଲିଂ କରି ୨୭ରନ ଦେଇ ୩ଟି ଉଇକେଟ ନେଇ ମ୍ୟାନ ଅଫ ମ୍ୟାଚ ହୋଇଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ଚିରଞ୍ଜୀବୀ ବଳ ଓ ଏସକେ ମିନାଜୁଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦା କାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# ଡି ଗୁକେଶଙ୍କୁ ନେଇ ଆନ୍ଧ୍ର ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଟଣାଓଟରା



**ନୂଆଦିଲ୍ଲୀ,୧୪।୧୨:** କେବଳ ୧୮ ବର୍ଷ ବୟସରେ ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିୟନ ହୋଇ ଇତିହାସ ରଚିଥିବା ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ଏବେ ସୋଶାଲ ମିଡିଆରେ ସବୁଠାରୁ ବଡ଼ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛନ୍ତି। ତାଙ୍କ ଉଲ୍ଲେଖନୀୟ ସଫଳତାକୁ ନେଇ ତାଙ୍କ ବିଷୟରେ ଯେତିକି ଚର୍ଚ୍ଚା ହେଉଛି, ତା'ଠାରୁ ବେଶୀ ଆଲୋଚନା ହେଉଛି ଯେ ସେ ତେଲୁଗୁ ନା ତାମିଲ। ବାସ୍ତବରେ ତାଙ୍କ ସଫଳତାର ଶ୍ରେୟ ନେବା ପାଇଁ ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଛି। ଉଭୟ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଗୁକେଶଙ୍କୁ ନିଜ ରାଜ୍ୟର ବୋଲି ଦାବି କରିଛନ୍ତି। ଗୁକେଶଙ୍କ ଐତିହାସିକ ବିଜୟ ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ପ୍ରଥମେ ଗୁରୁବାର ସନ୍ଧ୍ୟା ୭ଟା ୨୫ ମିନିଟରେ ଏକ୍ସରେ ଏକ ପୋଷ୍ଟ କରିଥିଲେ। ଷ୍ଟାଲିନ ଯୁବ ଚାମ୍ପିୟନଙ୍କୁ ଏକ ସ୍ୱର୍ଣ୍ଣ ପଦକ ଦେଉଥିବାର ଏକ ଫଟୋ ସେୟାର କରି ନିଜ ପୋଷ୍ଟରେ ଲେଖିଛନ୍ତି, 'ଉଲ୍ଲେଖନୀୟ ସଫଳତା... ଚେନ୍ନାଇରୁ ଆଉ ଜଣେ ବିଶ୍ୱ ଚାମ୍ପିଅନ୍ ବାହାରି ଆମ ସହରକୁ ବିଶ୍ୱ ଚେସ୍ ରାଜଧାନୀ ଭାବରେ ସ୍ଥାନ ଦେବାରେ ସାହାଯ୍ୟ କଲେ। ତାମିଲନାଡୁ ତୁମ ପାଇଁ ଗର୍ବିତ।' ଏତିକି ନୁହେଁ, ଆଜି ମଧ୍ୟ ଗୁକେଶଙ୍କ ପାଇଁ ୫ କୋଟି ଟଙ୍କା ପୁରସ୍କାର ରାଶି ଘୋଷଣା କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ। ଏକ ପୋଷ୍ଟ ଶେୟାର କରି ସେ ଏହି ଘୋଷଣା କରିଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ ତାଙ୍କର ଐତିହାସିକ ବିଜୟ ଦେଶ ପାଇଁ ଗର୍ବ ଏବଂ ଆନନ୍ଦ ଆଣିଦେଇଛି। ମୁଁ ଇଚ୍ଛା କରେ ଯେ ତାଙ୍କ ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେଉ ଓ ସେ ନୂଆ ଉଚ୍ଚତାରେ ପହଞ୍ଚନ୍ତୁ। ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ମଧ୍ୟ ଏକ୍ସ ପୋଷ୍ଟରେ ଗୁକେଶଙ୍କୁ ତାମିଲନାଡୁର ବୋଲି ଦର୍ଶାଇଛନ୍ତି।

ଅନ୍ୟପଟେ ଗୁରୁବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ପୋଷ୍ଟ କରିବାର ଠିକ ଦୁଇ ମିନିଟ୍ ପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କ ଏକ ଏକ୍ସ ପୋଷ୍ଟ ସାମ୍ନାକୁ ଆସିଥିଲା। ଗୁକେଶଙ୍କ ଏକ ଫଟୋ ଶେୟାର କରି ଟିଡିପି ନେତା ଲେଖିଛନ୍ତି, 'ଆମ ଅତି ନିଜର ତେଲୁଗୁ ପୁଅକୁ ହାର୍ଦ୍ଦିକ ଅଭିନନ୍ଦନ। ସମଗ୍ର ଦେଶ ତୁମର ଅବିଶ୍ୱସନୀୟ ସଫଳତାକୁ ପାଳନ କରୁଛି। ଆଗାମୀ ଦଶନ୍ଧିରେ ତୁମକୁ ଆହୁରି ଅଧିକ ବିଜୟ ଏବଂ ପ୍ରଶଂସା ମିଳୁ। ଏଥିପାଇଁ ଶୁଭେଚ୍ଛା।' ତେବେ କେବଳ ଦୁଇ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସୀମିତ ରହିନି ଏହି ବିତର୍କ। ଏହା ଏବେ ସୋଶାଲ ମିଡିଆ ୟୁଜର୍ସଙ୍କ ସବୁଠାରୁ ବଡ଼ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତେଲୁଗୁ ଭାଷୀ ୟୁଜର୍ସମାନେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ରିପ୍ଲାଇ ଦେଇ ଗୁକେଶ ଆନ୍ଧ୍ରର ବୋଲି ଦାବି କରିଛନ୍ତି।

### ପତିତପାବନ ଏକାଡେମୀର ହୀରକ ଜୟନ୍ତୀ

# ହାଇସ୍କୁଲସ୍ତରୀୟ ଖୋ ଖୋ ପ୍ରତିଯୋଗିତା

**ବଲାଙ୍ଗୀର,୧୪।୧୨:** ଆସନ୍ତା ଡିସେମ୍ବର ୨୧ ଓ ୨୨ ତାରିଖ ଦୁଇଦିନ ଧରି ହେବାକୁ ଥିବା ପତିତପାବନ ଏକାଡେମୀ ହୀରକ ଜୟନ୍ତୀ ଅବସରରେ ଆଜି ସ୍ଥାନୀୟ ଟାଉନ୍ ବାଳକ ହାଇସ୍କୁଲ ଖେଳ ପଡିଆ ଠାରେ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ବିଚାରକ ଭାବେ ଟାଉନ୍ ବାଳକ ହାଇସ୍କୁଲର ପିଇଟି ବିକାଶ ଦାସ, ପୁଇଁତଳା ହାଇସ୍କୁଲର ପି ଇ ଟି ବୁଦ୍ଧିରାଜ ବିଶ୍ୱାଳ, ବନ୍ଧପାଲି ବାଳିକା ଉଚ୍ଚ ବିଦ୍ୟାଳୟର ପି ଇ ଟି ସୁଦର୍ଶନ ସେଠ୍, ଅଙ୍କରିଆପଦର ହାଇସ୍କୁଲର ପିଇଟି ପ୍ରଦ୍ୟୁମ୍ନ ରାଉତ, ପି.ପି ଏକାଡେମୀର ପି.ଇ.ଟି ସସ୍ମିତା ରାଣୀ ମିଶ୍ର, ଭୁତିଆରବାହାଲ ହାଇସ୍କୁଲର ପିଇଟି ଜନାର୍ଦ୍ଦନ ସାହୁ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଆଲୁମିନି କମିଟିର ହେମନ୍ତ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ସାଏଦ ଅଫତକ୍ଷବ ହୁସେନ୍, ନାସିର ଖାନ ଓ ଟାଉନ୍ ବାଳକ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର୍ଯ୍ୟବକ୍ଷଳା ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କ ନାମ ଘୋଷଣା କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକର ଖୋ ଖୋ ଦଳ ଅଂଶଗ୍ରହଣ କରିଥିଲେ। ପୁରାତନ ଛାତ୍ର ସଂଜୀବ ବାବୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

# କ୍ରିକେଟକୁ ଅଲବିଦା କହିଲେ ମହମ୍ମଦ ଅମିର




**ଇସଲାମାବାଦ୍,୧୪।୧୨:** ପାକିସ୍ତାନର ଦ୍ରୁତ ବୋଲର ମହମ୍ମଦ ଅମିର ପୁଣି ଥରେ ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି। ଅମିର ନିଜ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ପାକିସ୍ତାନର ଦୁଇଜଣ ଭେଟେରାନ ଅବସର ନେଇଛନ୍ତି। ଏହାପୂର୍ବରୁ ଡିସେମ୍ବର ୧୩ରେ ଅଲରାଉଣ୍ଡର ଇମାଦ ୱାସିମ ଅବସର ନେଇଥିଲେ। ମହମ୍ମଦ ଅମିର ସୋସିଆଲ ମିଡିଆରେ ପୋଷ୍ଟ କରି ଅବସର ଘୋଷଣା କରିଛନ୍ତି। ସେ ଲେଖିଛନ୍ତି, ବହୁ ଚିନ୍ତା କରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା କଷ୍ଟକର ନିଷ୍ପତ୍ତି ନେଇଛି। ଏହା ଗ୍ରହଣ କରିବା ସହଜ ନୁହେଁ। ମୁଁ ଅନୁଭବ କରୁଛି ଯେ ଯୁବ ପିଢ଼ିପାଇଁ ଏହା ଉପଯୁକ୍ତ ସମୟ। ମୁଁ ଏଥିପାଇଁ ପିସିବିକୁ ଧନ୍ୟବାଦ ଦେଉଛି। ସମର୍ଥନ ପାଇଁ ମୁଁ ମୋର ପରିବାର ଏବଂ ସାଙ୍ଗମାନଙ୍କୁ ଧନ୍ୟବାଦ ଦେଉଛି।

ଏହାପୂର୍ବରୁ ଆମୀର ୨୦୨୧ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ତା'ପରେ ସେ ଅନ୍ତର୍ଜାତୀୟ କ୍ରିକେଟ ଛାଡି ବୋର୍ଡର ପରିଚାଳନା ଉପରେ ପ୍ରଶ୍ନ ଉଠାଇଥିଲେ। ତେବେ ବୋର୍ଡରେ ପରିବର୍ତ୍ତନ ପରେ ଅମିର ୨୦୨୪ ଟି-୨୦ ବିଶ୍ୱକପ ପୂର୍ବରୁ ଅବସର ଗ୍ରହଣ କରିଥିଲେ। ତା'ପରେ ଅମିର ମଧ୍ୟ ଟି-୨୦ ବିଶ୍ୱକପ ଖେଳିଥିଲେ। ତେବେ ଦଳର ଖରାପ ପ୍ରଦର୍ଶନ ହେତୁ ତାଙ୍କୁ ବିଶ୍ୱକପ ପରେ ଦଳରୁ ଓହରି ଯାଇଥିଲା ଏବଂ ବର୍ତ୍ତମାନ ତାଙ୍କୁ ସୁଯୋଗ ଦିଆଯାଉ ନାହିଁ। କିଛି ଦିନ ପୂର୍ବରୁ ଖବର ଆସିଥିଲା ଯେ ଆମୀର ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଇଚ୍ଛା ପ୍ରଦର୍ଶନ କରିଥିଲେ। ତେବେ ତାଙ୍କୁ ଅଣଦେଖା କରାଯାଇଥିଲା। ଏଭଳି ପରିସ୍ଥିତିରେ ଦଳର କବାଟ ବନ୍ଦ ହେବା ପରେ ଆମିର ଅବସର ନେଇଛନ୍ତି। ଆମିର ପାକିସ୍ତାନ ପାଇଁ ୩୬ଟି ଟେଷ୍ଟ, ୬୧ଟି ଦିନିକିଆ ଏବଂ ୬୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଏହି ଅବଧି ମଧ୍ୟରେ ଅମିର ଟେଷ୍ଟରେ ୧୧୯ ଉଇକେଟ, ଦିନିକିଆରେ ୮୧ ଉଇକେଟ ଏବଂ ଅନ୍ତର୍ଜାତୀୟ ଟି-୨୦ରେ ୭୧ ଉଇକେଟ ନେଇଛନ୍ତି।

# ଗୁକେଶଙ୍କୁ ଶୁଭେଚ୍ଛା ଜଣାଇଲେ ମସ୍କ



**ମସ୍କୋ,୧୪।୧୨:** ଭାରତୀୟ କିଶୋର ଗ୍ରାଣ୍ଡମାଷ୍ଟର୍ ଡି. ଗୁକେଶଙ୍କ ଐତିହାସିକ ବିଜୟକୁ ନେଇ ଏବେ ସାରା ଦେଶ ଗର୍ବ କରୁଛି। ଭାରତୀୟ ୧୮ ବର୍ଷୀୟ ଗୁକେଶ ସର୍ବ କନିଷ୍ଠ ବିଶ୍ୱ ଚେସ ଚାମ୍ପିୟାନ ଭାବରେ ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ଏବେ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି କୋଟିପତି ବ୍ୟବସାୟୀ ଏଲନ ମସ୍କ। ଏକ୍ସରେ ଗୁକେଶଙ୍କ ପୋଷ୍ଟକୁ ସେୟାର୍ କରି ମସ୍କ ଲେଖିଛନ୍ତି, 'ଅଭିନନ୍ଦନ'।

ସାରା ବିଶ୍ୱର ବହୁ ଗ୍ରାଣ୍ଡମାଷ୍ଟର୍ ଓ ଲକ୍ଷ ଲକ୍ଷ ଚେସ୍ ଖେଳାଳି ଓ ପ୍ରଶଂସକ ଗୁକେଶଙ୍କୁ ଶୁଭକାମନା ଜଣାଇଛନ୍ତି। ଏହି ତାଲିକାରେ ରୁଷିଆର ଅନ୍ୟତମ କିଂବଦନ୍ତି ଚେସ୍ ତାରକା ଗ୍ୟାରି କାସ୍ପାରୋଭ ମଧ୍ୟ ରହିଛନ୍ତି। କାସ୍ପାରୋଭ ନିଜ ପ୍ରତିକ୍ରିୟାରେ ଗୁକେଶଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଗୁକେଶ ଚେସ୍ର ସର୍ବୋଚ୍ଚ ଶୃଙ୍ଗ ଚିଢ଼ନ୍ତି। ତାଙ୍କ ମା' ବହୁତ ଖୁସି ଥିବେ। ଭାରତୀୟ ଚେସ୍ର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ